# ରୂପାନ୍ତର ଯୋଗରେ ନାମଜପ

# ସୂଚନା

ରୂପାନ୍ତର ଯୋଗରେ 'ନାମଜପ'ର ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏପରି କି ଶରୀର ରୂପାନ୍ତର ନିମିତ୍ତ 'ନାମଜପ'ର ପଦ୍ଧତି ଶ୍ରେଷ୍ଠ ବୋଲି କୁହାଯାଇ ପାରେ । ଏହି 'ନାମଜପ'ର ଉପଯୋଗିତା, ପଦ୍ଧତି ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ଏହି କ୍ଷୁଦ୍ର ପୁସ୍ତକରେ ଲେଖକ ଅତି ସ୍ୱଷ୍ଟ ଓ ମନ୍ତ୍ରବତ୍ ବର୍ଣ୍ଣନା କରିଅଛନ୍ତି । ଆଶା ଓ ବିଶ୍ୱାସ, ପାଠକ ଓ ପାଠିକାମାନେ ଏହି ଗ୍ରନ୍ଥ ଅଧ୍ୟୟନ କରି ଆଧ୍ୟାତ୍ମିକ ମାର୍ଗରେ ସହାୟତା ଲାଭ କରିବେ ।

— ପ୍ରକାଶକ

# ରୂପାନ୍ତର ଯୋଗରେ ନାମଜପ

## (୧)

## ନାମଜପର ଉପଯୋଗିତା

ରୂପାନ୍ତର ଯୋଗରେ ଦୁର୍ଲଙ୍ଘନୀୟ ବାଧାବିଘ୍ନ, ବିରୋଧୀ ଶକ୍ତିରାଜିର ମହାନ୍ କୌଶଳପୂର୍ଣ୍ଣ ଆକ୍ରମଣରୁ ନିର୍ଦ୍ୱନ୍ଦ୍ୱରେ ରକ୍ଷା ପାଇ ଲକ୍ଷ୍ୟରେ ପହଞ୍ଚିବାର ଏକମାତ୍ର ଅମୋଘ, ଅବ୍ୟର୍ଥ ମନ୍ତ୍ର ହେଲା ଛୋଟ ଶିଶୁ ସଦୃଶ ଶ୍ରୀମା'ଙ୍କ ଚରଣରେ ନିଜକୁ ସମର୍ପଣ କରି ତାଙ୍କରି ନାମଜପ କରିବା । ଏହି ଅମୋଘ ରକ୍ଷାକବଚ ଛଡ଼ା ଏହି ଯୋଗମାର୍ଗରେ ପଦ ରଖିବା କସ୍ମିନ୍ କାଳେ ସୁରକ୍ଷିତ ନୁହେଁ ।

ଏହି ଯୋଗର ଲକ୍ଷ୍ୟ ହେଉଛି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି; ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନରୁ ସଂପୂର୍ଣ୍ଣ ମୁକ୍ତି । ସଂସାରରେ ଜଣେ ବ୍ୟକ୍ତିକୁ ବାଦ୍ ନ ଦେଇ ସମସ୍ତ ବ୍ୟକ୍ତିଙ୍କ ଜୀବନର ଏହାହିଁ ଲକ୍ଷ୍ୟ । ଜଣେ ବ୍ୟକ୍ତି ବି ଦୁଃଖକଷ୍ଟ, ଅଜ୍ଞାନ, ରୋଗ, ବୃଦ୍ଧତ୍ୱ, ମୃତ୍ୟୁ ଚାହାନ୍ତି ନାହିଁ । କିନ୍ତୁ ସୃଷ୍ଟି ଆରମ୍ଭରୁ ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନ, ମୃତ୍ୟୁ ମନୁଷ୍ୟକୁ କବଳିତ କରି ରଖିଅଛନ୍ତି । ସ୍ୱୟଂ ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନେଇ ଏହି ପୃଥିବୀକୁ ଆସିଲେ ସ୍ୱ-ଇଚ୍ଛାରେ ମୃତ୍ୟୁପୁରୀର ଏହି ଦୁର୍ଲଙ୍ଘନୀୟ ନିୟମକୁ ସ୍ୱୀକାର କରନ୍ତି । ବୈଦିକ ଯୁଗର ଋଷିମୁନି ତଥା ମହାପୁରୁଷ, ଆଚାର୍ଯ୍ୟମାନଙ୍କଠାରୁ ଆରମ୍ଭ କରି ସମସ୍ତ ସାଧୁସନ୍ଥ ପର୍ଯ୍ୟନ୍ତ ମନ-ପ୍ରାଣ-ଶରୀରର ରୂପାନ୍ତର କଳ୍ପନା କିଂବା ଧାରଣା ପର୍ଯ୍ୟନ୍ତ କରି ନାହାନ୍ତି । ପୁରାତନ ଯୋଗର କୌଣସି ଶକ୍ତିଶାଳୀ ସାଧନା, କୌଣସି ଯୋଗଶକ୍ତି ଦ୍ୱାରା ଏହି ଦୁରୂହ ରୂପାନ୍ତର ହେବା ସମ୍ଭବ ନ ଦେଖି ସାଧକମାନେ ମନ-ପ୍ରାଣ-ଶରୀରକୁ ଛାଡ଼ି କେବଳ ଶୁଦ୍ଧ, ସତ୍ୟ, ସର୍ବଥା ଦିବ୍ୟ ଅନ୍ତରାତ୍ମାକୁ ନେଇ ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କରାଇ ଅଛନ୍ତି । ଏହା ହୋଇଛି ବ୍ୟକ୍ତିଗତ ଭାବେ । ଏହା ଦ୍ୱାରା ସଂସାରର ଦୁଃଖକଷ୍ଟ, ଅଜ୍ଞାନ, ଅନ୍ଧକାର, ହିଂସା, ଦ୍ୱେଷ, ଅହଂ, ସ୍ୱାର୍ଥ, ମିଥ୍ୟାଚାର ଦୂର ହୋଇ ନାହିଁ, ବରଂ କ୍ରମଶଃ ବୃଦ୍ଧି ହୋଇଅଛି । ସଂସାରରୁ ଏହିସବୁ ଦୂର ହେବ, ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ହେବ । ତା'ର ସମୟ ଆସି ନ ଥିବାରୁ କୌଣସି ଋଷିମୁନି, ମହାପୁରୁଷମାନେ ଏକଥା ଭାବି ପାରି ନାହାନ୍ତି ।

କ୍ରମବିକାଶ ପ୍ରଣାଳୀ ଅନୁସାରେ ମନର ବିକାଶ ସମାପ୍ତ ହେବାରୁ ମନ-ପ୍ରାଣ-ଶରୀରର ରୂପାନ୍ତର ହେବାର ତଥା ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଅତିମାନସ ଚେତନାର ପ୍ରତିଷ୍ଠା ହେବାର ସମୟ ଆସିଅଛି । ଭଗବାନ୍ ସଚ୍ଚିଦାନନ୍ଦଙ୍କ ସଂକଳ୍ପ ତଥା ତାଙ୍କରି ବିଧାନରେ ସେ ସ୍ୱୟଂ ଶ୍ରୀମାଶ୍ରୀଅରବିନ୍ଦଙ୍କ ରୂପରେ ଏହି ପୃଥିବୀକୁ ଆସି ମାନବଜାତିର ପ୍ରତିନିଧିରୂପେ ସାଧନା କରି ପରାର୍ଦ୍ଧର ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ଉତାରି ଆଣି ଏହି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ସେହି ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରୁଅଛି । ଏହି ରୂପାନ୍ତରହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ । ଭଗବାନଙ୍କୁ ବିଶ୍ୱାସ କରୁଥିବା ଏବଂ ଭଗବାନଙ୍କୁ ବିଶ୍ୱାସ କରୁ ନ ଥିବା ସମସ୍ତ ବ୍ୟକ୍ତି ଅଜ୍ଞାତରେ ଏହି ଲକ୍ଷ୍ୟ ଆଡ଼କୁ ଭ୍ରମ ମାର୍ଗରେ ଯାତ୍ରା କରୁଅଛନ୍ତି । କିନ୍ତୁ ଲକ୍ଷ୍ୟ-ଜ୍ଞାନ ନ ଥିବା ଯୋଗୁଁ ଲକ୍ଷ୍ୟପ୍ରାପ୍ତିର ସାଧନା ସ୍ୱାଭାବିକରୂପେ ଭୁଲ୍ ହେଉଅଛି । ସେହି କାରଣରୁ ବ୍ୟକ୍ତି ଅଧିକରୁ ଅଧିକ ଦୁଃଖକଷ୍ଟ ଭୋଗୁଅଛି ।

ଶ୍ରୀମାଶ୍ରୀଅରବିନ୍ଦ ପୃଥିବୀରେ ରୂପାନ୍ତରକାରିଣୀ ଅତିମାନସ ଶକ୍ତିକୁ ପ୍ରତିଷ୍ଠା କରିଥିବାରୁ ବ୍ୟକ୍ତିକୁ ଲକ୍ଷ୍ୟପ୍ରାପ୍ତି କରିବାର ସମୟ ତଥା ସୁଯୋଗ ପ୍ରାପ୍ତ ହୋଇଅଛି । ଛୋଟ ଶିଶୁ ନିଜ ମା' ଉପରେ ସଂପୂର୍ଣ୍ଣଭାବେ ନିର୍ଭର କରିବା ସଦୃଶ ବ୍ୟକ୍ତି ମା'ଙ୍କ ଚରଣରେ ନିଜକୁ ସମର୍ପଣ କରି ତାଙ୍କରି ନାମ – 'ମା', ନିରନ୍ତର ଜପପୂର୍ବକ ତାଙ୍କରି ଉପରେ

ଭରସା ତଥା ନିର୍ଭରତା ରଖିଲେ ମା ସଂପୂର୍ଣ୍ଣରୂପେ ସାଧକକୁ ସକଳ ପ୍ରକାର ବାଧାବିଘ୍ନରୁ ରକ୍ଷା କରିବେ । ମା ଛୋଟ ଶିଶୁକୁ କୋଳରେ ନେଇ ଦୁରୂହ ମାର୍ଗକୁ ପାର ହେବା ସଦୃଶ ମାତୃଶକ୍ତି ସକଳ ବାଧାବିପତ୍ତିକୁ ଅତିକ୍ରମ କରାଇ ସାଧକକୁ ଲକ୍ଷ୍ୟରେ ପହଞ୍ଚାଇ ଦେବାରେ ପୂର୍ଣ୍ଣରୂପେ ସାହାଯ୍ୟ କରିବେ । କିନ୍ତୁ ରୂପାନ୍ତରର ଶେଷ ପର୍ଯ୍ୟନ୍ତ ସାଧକକୁ ସର୍ବଦା ସଚେତ ହୋଇ ସମର୍ପଣ କରିବାକୁ ହେବ । ଏହି ରୂପାନ୍ତର ଯୋଗରେ ସମସ୍ତ ସତ୍ତା ମା'ଙ୍କ ଚରଣରେ ସମର୍ପଣ ତଥା ମା'ଙ୍କ 'ନାମଜପ' ଛଡ଼ା ବାଧାବିପତ୍ତି ଏବଂ ବିରୋଧୀ ଶକ୍ତିଙ୍କ ଆକ୍ରମଣର ସମ୍ମୁଖୀନ ହୋଇ ତଥା ସେସବୁକୁ ଅତିକ୍ରମ କରି ଲକ୍ଷ୍ୟରେ ପହଞ୍ଚିବାର ଅନ୍ୟ କୌଣସି ଉପାୟ ନାହିଁ ।

ଶ୍ରୀମାଶ୍ରୀଅରବିନ୍ଦ ଯେପରି ଏକ ତତ୍ତ୍ୱ, ସେହିପରି ଶ୍ରୀମା, ମାତୃଶକ୍ତି ଏବଂ ରୂପାନ୍ତରକାରିଣୀ ଅତିମାନସ ଶକ୍ତି ଏକ ତତ୍ତ୍ୱ । ଭଗବାନ୍ ଶ୍ରୀଅରବିନ୍ଦ ଏବଂ ମା, ଅତିମାନସ ଶକ୍ତି ତଥା 'ମା' ଏହି ନାମ – କହିବାରେ ଅଥବା ଶବ୍ଦରେ ଭିନ୍ନ ଯଥାର୍ଥରେ କିନ୍ତୁ ଏକ, ଅଭିନ୍ନ । ଯେପରି ଜଳ ଏବଂ ତରଙ୍ଗ, ବାଣୀ ତଥା ଅର୍ଥ । ଭଗବାନ୍, ଶ୍ରୀଅରବିନ୍ଦ, ଶ୍ରୀମା ଏବଂ ଅତିମାନସ ଶକ୍ତି ଏକ ହୋଇଥିବାରୁ ରୂପାନ୍ତର ଯୋଗରେ ମା'ଙ୍କୁ ସମର୍ପଣ କରାହେଲେ ଅତିମାନସ ଶକ୍ତି ସାଧକ ଆଧାରରେ ରୂପାନ୍ତର କ୍ରିୟା କରନ୍ତି । ଶ୍ରୀମା ଏବଂ ତାଙ୍କ ନାମ ଏକ ତତ୍ତ୍ୱ ହୋଇଥିବାରୁ ମା'ଙ୍କ 'ନାମଜପ'ରେ ମା'ଙ୍କ ଉପସ୍ଥିତି ସତତ ରୁହେ । ମା'ଙ୍କ ନାମଜପରେ କଠିନ ରୂପାନ୍ତର ସାଧନା ବହୁତ ସହଜ ହୁଏ ।

ପୂର୍ବେ କୁହାଯାଇଛି ଯେ ସମର୍ପଣ ଛଡ଼ା ଏହି ଯୋଗସାଧନା ନିରାପଦ ନୁହେଁ । ସମର୍ପଣ ତଥା ଅଭୀପ୍‌ସା ହୁଏ ସାଧକ ସଚେତ ରହିଲେ । ସମର୍ପଣର ମନୋଭାବ ତଥା ଅଭୀପ୍‌ସା ଏବଂ ସଂକଳ୍ପ ଦ୍ୱାରା ସାଧକ ସଚେତ ରହିପାରନ୍ତି । ସାଧକର ସଂକଳ୍ପ ଅତ୍ୟନ୍ତ ଦୃଢ଼, ସମର୍ପଣ ମନୋଭାବ ତୀବ୍ର, ଅଭୀପ୍‌ସା ଜ୍ୱଳନ୍ତ ହୋଇଥିଲେ ଏହା ସମ୍ଭବ ହୁଏ । ଏହି ଅବସ୍ଥା ଆସିବାକୁ ସାଧକକୁ ବହୁତ ବର୍ଷ ସାଧନା କରିବାକୁ ହୁଏ । କିନ୍ତୁ ସାଧନାର ପ୍ରାରମ୍ଭିକ ଅବସ୍ଥାରେ ମନକୁ ଏକାଗ୍ର କରିବା ଏବଂ ସତତ ସଚେତ ରହିବା ସକାଶେ ସାଧକର କୌଣସି ଅବଲମ୍ବନ ନ ଥାଏ । ଧ୍ୟାନ ଦ୍ୱାରା ହୃଦୟ ଗଭୀରରେ କିଂବା ମସ୍ତକର ଊର୍ଦ୍ଧ୍ୱରେ କିଛି ସମୟ ଏକାଗ୍ର ହୁଏ । ସମର୍ପଣ ଦ୍ୱାରା ମାତୃଶକ୍ତିର ରୂପାନ୍ତର କ୍ରିୟା ସାଧକ ମଧ୍ୟରେ ହେବା ସମୟରେ ସାଧକର ଏକାଗ୍ରତା ଆସେ । କିଂବା ଶାନ୍ତି, ଏକାଗ୍ରତା, ଆନନ୍ଦ, ସମତାଦି ଦିବ୍ୟଗୁଣ ଅବତରଣ କଲେ ସାଧକ କିଛି ସମୟ ସକାଶେ ଆନନ୍ଦରେ ରୁହନ୍ତି । ଏହା ସବୁ ସମୟରେ ସମ୍ଭବ ହୁଏ ନାହିଁ କିଂବା ସାଧନାର ଆରମ୍ଭରେ ପ୍ରତିଦିନ ବି ହୁଏ ନାହିଁ । ବହୁଦିନ ପରେ କେବେ କେବେ ହୁଏ । ଅନ୍ୟ ସମୟରେ ନାନାଦି ଯାନ୍ତ୍ରିକ ବିଚାର ଆସି ସାଧକକୁ ବ୍ୟତିବ୍ୟସ୍ତ କରିପକାନ୍ତି । ବିରୋଧୀ ଶକ୍ତିଙ୍କ ଦ୍ୱାରା ବାଧାବିଘ୍ନ ମଧ୍ୟ ଆସିବାକୁ ସୁଯୋଗ ପାଆନ୍ତି । ସାଧକ ସାଧନାରେ ବହୁତ ଅଗ୍ରସର ହେବା ପର୍ଯ୍ୟନ୍ତ ଏହିପରି ବାଧାବିଘ୍ନ ଲାଗି ରହିଥାଏ ।

ଅନ୍ୟ ପକ୍ଷରେ ସାଧକର ସାଧନାରେ ତୀବ୍ରତା ନ ଥିଲେ ସେ ଆରମ୍ଭରେ ସତତ ଜାଗ୍ରତ ହୋଇ ସମର୍ପଣ କରିପାରନ୍ତି ନାହିଁ କିଂବା ଅଭୀପ୍‌ସା କରିପାରନ୍ତି ନାହିଁ । କେବଳ ମା'ଙ୍କ ସେବା ଭାବରେ କର୍ମ କରିବା ଅବଲମ୍ବନ ହୋଇଥାଏ । ଶାନ୍ତି, ଆନନ୍ଦ ନ ଆସିବାରୁ ଜୀବନ ତଥା ସାଧନା ଶୁଷ୍କ, ନୀରସ ମନେହୁଏ । ନିରାଶା, ହତାଶା, ସନ୍ଦେହ ସାଧକକୁ ଯୋଗମାର୍ଗରୁ ଟାଣି ନେବାକୁ ଚେଷ୍ଟା କରନ୍ତି । କିନ୍ତୁ 'ମା'– ଏହି ନାମଜପରେ ସାଧକ ସାଧନା ଆରମ୍ଭରୁ ଅପେକ୍ଷାକୃତ ସହଜରେ ସଚେତ ରହିପାରନ୍ତି । 'ମା'– ଏହି ନାମଜପ ମହାନ୍ ଶକ୍ତିଶାଳୀ ହେବା ସତ୍ତ୍ୱେ ଅତ୍ୟନ୍ତ ସହଜ । ତୀବ୍ରଭାବେ ସାଧନା କରିବା ସାଧକ ହୁଅନ୍ତୁ ବା ଶିଥିଳଭାବେ ସାଧନା କରିବା ସାଧକ ହୁଅନ୍ତୁ, ସେ ସାଧନାର ଆରମ୍ଭରୁ ଦୃଢ଼ ସଂକଳ୍ପ କଲେ ସତତ 'ମା' ନାମଜପ କରିପାରନ୍ତି ।

ନାମଜପରେ ବିଶ୍ୱାସ ହେଉ ବା ନ ହେଉ, ଆଗ୍ରହ ଥାଉ ବା ନ ଥାଉ, ସାଧକ ନାମଜପ କଲେ ସେଥିରେ ବିଶ୍ୱାସ ନିର୍ଭରତା ଆସେ । ମା'ଙ୍କଠାରୁ ତାଙ୍କ ନାମ ପୃଥକ୍ ନ ଥିବାରୁ ମା'ଙ୍କ ଉପସ୍ଥିତି ରହେ । ସତତ 'ମା'-ନାମ ଜପ କରିବା ଦ୍ୱାରା ସାଧକ ସତତ ସଚେତ ରହିପାରନ୍ତି । ନାମଜପ ଯୋଗୁଁ କଷ୍ଟସାଧ୍ୟ ସଚେତନତା ବହୁତ ସରଳ, ବହୁତ ସହଜରେ ଆସେ । ସଚେତନତା ରହିଲେ ସମର୍ପଣ ଏବଂ ଅଭୀପ୍‌ସା ସହଜରେ ହେବାକୁ ଲାଗେ । ମା'ଙ୍କ ଉପସ୍ଥିତିରେ ସାଧକର ସ୍ୱାଭାବିକ ବିଶ୍ୱାସ ହୁଏ । ଏବଂ ନାମଜପ ସଙ୍ଗେ ସଙ୍ଗେ ''ମୁଁ ତୁମର ଆଶ୍ରିତ ବା ସନ୍ତାନ'' ଧାରଣା

କରିବାରେ ଅସୁବିଧା ହୁଏ ନାହିଁ । ସାଧକ ନିଜ ସ୍ୱଭାବ, ରୁଚି ଅନୁସାରେ ନାମଜପ ସହିତ ଏହି ଧାରଣା ରଖିପାରନ୍ତି ଅଥବା 'Psychic' (ଅନ୍ତରାତ୍ମା) ଜାଗ୍ରତ ହେବା ସକାଶେ ଅଭୀପ୍‌ସା କରିପାରନ୍ତି । ଏହିରୂପେ ସତତ 'ମା'-ନାମ ଜପ କରିବାରେ ସମର୍ପଣ ସହଜ ଏବଂ ସ୍ୱତଃସ୍ଫୂର୍ତ୍ତଭାବେ ହୁଏ ।

ଏହିରୂପେ ନାମଜପ ନ କରି ସାଧକ ସାଧନାର ଆରମ୍ଭିକ ଅବସ୍ଥାରେ ଯେଉଁ କର୍ମ କରନ୍ତି, ତାଙ୍କର ଜୀବନର ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଥିବାରୁ ତାହା ଭାଗବତ କର୍ମ ହୁଏ । କିନ୍ତୁ ସଚେତ ନ ରହି ସଚେତନଭାବେ ସମର୍ପଣ ନ କରୁଥିବାରୁ ତାହା ଅଧିକ ଫଳପ୍ରଦ ହୁଏ ନାହିଁ । କର୍ମ କରିବା ସମୟରେ କିଂବା ଅନ୍ୟ ସବୁ ସମୟରେ ସଚେତନ ହୋଇ ସମର୍ପଣ କରିବାରେ ବହୁତ ବର୍ଷ ଲାଗିପାରେ । 'ମା'— ଏହି ନାମଜପରେ ସଚେତନତା ଶୀଘ୍ର ଆସେ ଏବଂ ସମର୍ପଣ ସହଜ ହୁଏ । ଏହିପରି ସଚେତନତା ତଥା ସମର୍ପଣ ଭାବ ଦୃଢ଼ ହେଲେ ଦିବ୍ୟ ଶକ୍ତିଙ୍କ ରୂପାନ୍ତର କ୍ରିୟାକୁ ସାଧକ ଧ୍ୟାନ ସମୟରେ ତଥା ଅନ୍ୟ ସମୟରେ ବି ଅନୁଭବ କରିପାରନ୍ତି ।

କେତେକ ବ୍ୟକ୍ତି କହନ୍ତି, ''ଯାନ୍ତ୍ରିକ ନାମଜପରେ କୌଣସି ପ୍ରଭାବ ହୁଏ ନାହିଁ ।'' ଏହା ଯଦି ସତ୍ୟ ହୁଏ ଏବଂ ଯଥାର୍ଥ ହୁଏ ତେବେ ଅଧ୍ୟାତ୍ମ ସାଧକମାନେ ଯାନ୍ତ୍ରିକ ବିଚାର (thoughts)କୁ ଏତେ ଭୟ କରନ୍ତି କାହିଁକି ? ଯାନ୍ତ୍ରିକ ବିଚାର (thoughts)କୁ ବନ୍ଦ କରିବା ସକାଶେ ଅସଂଖ୍ୟ ପ୍ରକାର ସାଧନା-ପ୍ରଣାଳୀ ପ୍ରୟୋଗ କରନ୍ତି । ଯାନ୍ତ୍ରିକ ବିଚାର ବନ୍ଦ ହେଲେ ସାଧକର ସାଧନା ପୂର୍ଣ୍ଣ ହୁଏ, ଅର୍ଥାତ୍ ସାଧନାରେ ପ୍ରୟାସ କରିବାକୁ ହୁଏ ନାହିଁ । ଭଗବତ୍ ପ୍ରାପ୍ତିର ଯେତେ ପ୍ରକାର ସାଧନାମାର୍ଗ ଅଛି ସମସ୍ତଙ୍କର ପ୍ରୟାସ ହୁଏ ଯାନ୍ତ୍ରିକ ବିଚାରକୁ ବନ୍ଦ କରି ଏକାଗ୍ର ହେବାକୁ । ସାଧାରଣ ଜୀବନରେ ବି ବ୍ୟକ୍ତି ଯାନ୍ତ୍ରିକ ବିଚାରକୁ ଭୟ କରନ୍ତି, ତା'ରି ସକାଶେ ଅସୁଖ, ଅଶାନ୍ତି ଅନୁଭବ କରନ୍ତି । ନିରର୍ଥକ ଯାନ୍ତ୍ରିକ ବିଚାରର ଯଦି ଏତେ ପ୍ରଭାବ ହୁଏ ତେବେ ଭଗବତ୍ ନାମ, ଯାହା ସାକ୍ଷାତ୍ ଭଗବାନଙ୍କ ସ୍ୱରୂପ, ତା'ର ଜପରେ କୌଣସି ପ୍ରଭାବ ହେବ ନାହିଁ ? ନାମର ପ୍ରଭାବକୁ ସବୁ ଶାସ୍ତ୍ର, ପୁରାଣ, ଉପନିଷଦ୍, ବେଦ, ସାଧୁ, ସନ୍ଥ, ଆଚାର୍ଯ୍ୟ, ମହାପୁରୁଷ, ଋଷିମୁନିମାନେ ଭୂରି ଭୂରି ପ୍ରଶଂସା କରିଅଛନ୍ତି । ତୁଳସୀ ଦାସଜି କହିଛନ୍ତି :

''କହୌଁ କହାଁ ଲଗି ନାମ ବଡ଼ାଈ ।
ରାମୁ ନ ସକହିଁ ନାମ ଗୁନ ଗାଈ ॥''

(ଶ୍ରୀରାମଚରିତମାନସ ବାଲକାଣ୍ଡ : ପୃ. ୪୭)

ଅର୍ଥାତ୍, ''ମୁଁ ବା କ'ଣ ନାମର ପ୍ରଭାବ କହିବି ? ସ୍ୱୟଂ ରାମ ବି ନିଜ ନାମର ମହିମା କହିପାରିବେ ନାହିଁ ।''

ଅଜାମିଳ କେତେ ବଡ଼ ପାପୀ ଥିଲା; ମୃତ୍ୟୁ ସମୟରେ ପୁଅ ନାମ 'ନାରାୟଣ' କହି ମୁକ୍ତ ହୋଇଗଲା ।

ଯାନ୍ତ୍ରିକ ବିଚାର ସ୍ୱାଭାବିକରୂପେ ଆସେ । ତା' ସକାଶେ ପ୍ରୟାସ କରିବାକୁ ହୁଏ ନାହିଁ । ବରଂ ତାକୁ ବନ୍ଦ କରିବା ସକାଶେ ଜନ୍ମଜନ୍ମାନ୍ତରର ସାଧନା କରିବାକୁ ହୋଇଥାଏ । 'ମା'-ନାମ ଜପ କରି ଦେଖନ୍ତୁ, କେତେ ସହଜରେ କରିପାରିବେ ? 'ମା'-ନାମ ଜପ ସକାଶେ ଦୃଢ଼ ସଂକଳ୍ପ ତଥା କଠୋର ପ୍ରୟାସ କରିବାକୁ ହୁଏ । ଯେଉଁ ଜପ ସକାଶେ ପ୍ରୟାସ କରିବାକୁ ହୁଏ ତାହା ଯାନ୍ତ୍ରିକ ହେବ କିପରି ? ନାମଜପ ସହଜ ଏହି ସକାଶେ କୁହା ହୋଇଛି ଯେ ନାମଜପ ମହାନ୍ ଶକ୍ତିଶାଳୀ ହେବା ସତ୍ତ୍ୱେ ଅନ୍ୟ ସମସ୍ତ ଯୋଗସାଧନା ତୁଳନାରେ ବହୁତ ସହଜ ।

## କର୍ମରେ ନାମଜପ

ପୂର୍ବେ ଆଲୋଚିତ ହୋଇଛି ଯେ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ — ସାଧକର ମନ-ପ୍ରାଣ-ଶରୀରର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ଏବଂ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି ।

କର୍ମ ହୁଏ ଶରୀରରେ । କର୍ମ କରିବା ଶକ୍ତି ପ୍ରାଣର । କର୍ମ କରିବା ପ୍ରଣାଳୀ ବା କୌଶଳ ମନ-ବୁଦ୍ଧିର । ଏହି

ତିନି ସତ୍ତାର ସଂଯୋଗରେ କର୍ମ ସମ୍ପାଦନ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀରର ରୂପାନ୍ତର ହେଉଥିବାରୁ ଏହା ଦ୍ୱାରା ହେଉଥିବା କର୍ମକୁ ବାଦ୍ ଦିଆଯାଏ ନାହିଁ । ସମସ୍ତ ଆବଶ୍ୟକ କର୍ମ ମା'ଙ୍କ ସେବା, ଲକ୍ଷ୍ୟପ୍ରାପ୍ତିର ସାଧନା ମନୋଭାବରେ ଉତ୍ତମରୂପେ ସମ୍ପାଦନ କରି ମା'ଙ୍କୁ ସମର୍ପଣ କରାହୁଏ । ଏହିପରି ମନୋଭାବରେ କର୍ମହିଁ ହୁଏ ଭଗବତ୍ କର୍ମ । ଏହି ମନୋଭାବ ଆସେ ସାଧକ ମନର ଉର୍ଦ୍ଧ୍ୱ ଚେତନାରେ ବାସ କଲେ । କିନ୍ତୁ ସାଧନାର ପ୍ରାରମ୍ଭିକ ଅବସ୍ଥାରେ ସମସ୍ତ ସାଧକଙ୍କ ପକ୍ଷେ ମନର ଉର୍ଦ୍ଧ୍ୱ ଚେତନାରେ ବାସ କରି କର୍ମ କରିବା ସମ୍ଭବ ହୁଏ ନାହିଁ । ଧ୍ୟାନ ସମୟରେ ହୋଇପାରେ । ସାଧନାର ଆରମ୍ଭିକ ଅବସ୍ଥାରେ ସାଧକକୁ ମାନସ ଚେତନାରେହିଁ ରହିବାକୁ ପଡ଼ିଥାଏ । ସମର୍ପଣ ତଥା ଅଭୀପ୍‌ସା ତଥା ଭାଗବତୀ ଶକ୍ତିର ରୂପାନ୍ତର କ୍ରିୟା ଦ୍ୱାରା ସାଧକ ମନର ଉର୍ଦ୍ଧ୍ୱ ଚେତନାରେ ବାସ କରି କର୍ମ ସମର୍ପଣ କରିବାରେ ବହୁତ ସମୟ ଲାଗିପାରେ । ଏପରିକି ବହୁତ ସାଧକମାନଙ୍କୁ ଅନେକ ବର୍ଷ ଲାଗିଥାଏ । କର୍ମ କରିବା ସମୟରେ ନାନା ପ୍ରକାର ଚିନ୍ତାରାଜ୍ୟରେ ସାଧକ ବିଚରଣ କରୁଥାଆନ୍ତି । କରୁଥିବା କର୍ମକୁ ଭଗବତ୍ କର୍ମ ବୋଲି ଧାରଣା ପର୍ଯ୍ୟନ୍ତ କରିପାରନ୍ତି ନାହିଁ । କିନ୍ତୁ ଅଳ୍ପ ପ୍ରୟାସରେ 'ମା'– ଏହି ନାମଜପ ଦ୍ୱାରା ସାଧକ ସାଧନାର ଆରମ୍ଭରୁ ଭଗବତ୍ କର୍ମ ସମ୍ପାଦନ କରି ମା'ଙ୍କ ଚରଣରେ ସମର୍ପଣ କରିପାରନ୍ତି । ସଜାଗ ସଚେତ ରହି ଦୃଢ଼ ସଂକଳ୍ପ କଲେ ସାଧକ ସବୁ ସମୟରେ, ଏପରିକି କର୍ମ କରିବା ସମୟରେ ବି 'ମା'-ନାମ ଜପ ଭୁଲନ୍ତି ନାହିଁ । ସାଧକ କୌଣସି କର୍ମ କରିବା ସମୟରେ କେବେ ଜିହ୍ୱାରେ, କେବେ ମନରେ ମା'ଙ୍କ ନାମଜପ କରିପାରନ୍ତି ଏବଂ ତା' ସହିତ ''ମୁଁ ତୁମର, ତୁମର ଆଶ୍ରିତ, ମୁଁ ତୁମ ଚରଣରେ ସମର୍ପିତ'' ଅଥବା ସମସ୍ତ ସତ୍ତା ସମର୍ପଣ କରିବା ମନୋଭାବ ପୋଷଣ କରିପାରନ୍ତି । କିଂବା ଅନ୍ତରାତ୍ମାର ଜାଗୃତି ସକାଶେ ଅଭୀପ୍‌ସା କରିପାରନ୍ତି । ଜପ ସହିତ ଏହି ମନୋଭାବରେ କର୍ମ କଲେ କର୍ମରେ ଉତ୍ସାହ ଓ ଆନନ୍ଦ ମିଳେ, କର୍ମରେ ପ୍ରସନ୍ନତା, ଆଗ୍ରହ ହୁଏ । ଅଧିକ କର୍ମରେ କ୍ଳାନ୍ତିବୋଧ ହୁଏ ନାହିଁ । ଏହିପରି ମନୋଭାବ ସହିତ ସମ୍ପାଦିତ କର୍ମ ଭଗବତ୍ କର୍ମ ହୁଏ ଏବଂ ମା'ଙ୍କ ଚରଣରେ ସମର୍ପିତ ହୁଏ । ଏହି ମନୋଭାବରେ ଭଗବତ୍ କର୍ମ କରିବା ଦ୍ୱାରା ଚେତନାର ପରିବର୍ତ୍ତନ ଅପେକ୍ଷାକୃତ କମ୍ ସମୟରେ ତଥା ସହଜରେ ହୁଏ । ଏହିପରି ମନୋଭାବରେ କର୍ମ କଲେ ମା'ଙ୍କ କୃପା ଉପରେ ନିର୍ଭରତା ଆସେ ।

ଶ୍ରୀମା ପ୍ରଶ୍ନୋତ୍ତରରେ କହିଅଛନ୍ତି :

> In all pursuits, intellectual or active, your one motto should be,
> "Remember and offer."

(Questions & Answers – 1929 p. 26) – The Mother

> ସକଳ କର୍ମରେ ତାହା ମାନସିକ ହେଉ ଅଥବା ଶାରୀରିକ ହେଉ ତୁମ ସମ୍ମୁଖରେ ଏକମାତ୍ର ନୀତିବାକ୍ୟ ରହିବା ଉଚିତ । ତାହା ହେଉଛି,
> ''ସ୍ମରଣ ରଖ ଓ ସମର୍ପଣ କର ।''

(ପ୍ରଶ୍ନୋତ୍ତର (ଇଂ) – ୧୯୨୯ ପୃ. ୨୬) – ମା

ଶ୍ରୀମା କହିଲେ, ''ସକଳ କର୍ମ କରିବା ସମୟରେ ସ୍ମରଣ ରଖ ଏବଂ କର୍ମକୁ ସମର୍ପଣ କର ।'' ସ୍ମରଣ ନ ରଖିଲେ ସମର୍ପଣ ହୋଇପାରିବ ନହିଁ । 'ମା'– ଏହି ନାମଜପରେ ସ୍ମରଣ ରୁହେ ।

## ନାମଜପ ସମ୍ବନ୍ଧେ ଶ୍ରୀମା'ଙ୍କ ବାଣୀ

"I have also come to realize that for this sadhana of the body, the mantra

is essential. Sri Aurobindo gave none; he said that one should be able to do all the work without having to resort to external means. Had he reached the point where we are now, he would have seen that the purely psychological method is inadequate and that a japa is necessary, because only japa has a direct action on the body. So I had to find the method all alone, to find my mantra by myself. But now that things are ready, I have done ten years of work in a few months. That is the difficulty, it requires time...

And I repeat my mantra constantly– when I am awake and even when I sleep. I say it even when I am getting dressed, when I eat, when I work, when I speak with others; it is there, just behind in the background, all the time, all the time.

In fact, you can immediately see the difference between those who have a mantra and those who don't. With those who have no mantra, even if they have a strong habit of meditation or concentration, something around them remains hazy and vague. Whereas the japa imparts to those who practise it a kind of precision, a kind of solidity : an armature. They become galvanized, as it were."

ଅର୍ଥାତ୍,

''ମୁଁ ମଧ ଉପଲବ୍ଧି କରିଛି ଯେ ଏଇ ଶରୀରର ସାଧନା ଲାଗି ମନ୍ତ୍ର ଅତ୍ୟାବଶ୍ୟକ । ଶ୍ରୀଅରବିନ୍ଦ କୌଣସି ମନ୍ତ୍ର ଦେଇ ନ ଥିଲେ । ସେ କହିଥିଲେ ଯେ ଜଣେ କୌଣସି ବାହ୍ୟ ଉପାୟର ଆଶ୍ରୟ ନ ନେଇ ସମସ୍ତ କାର୍ଯ୍ୟ କରିବାକୁ ସକ୍ଷମ ହେବା ଉଚିତ । ଆମ୍ଭେମାନେ ବର୍ତ୍ତମାନ ଯେଉଁ ଅବସ୍ଥାରେ ପହଞ୍ଚିଛୁ ଶ୍ରୀଅରବିନ୍ଦ ଯଦି ସେହି ଅବସ୍ଥାରେ ପହଞ୍ଚିଥାଆନ୍ତେ ତେବେ ସେ ଦେଖି ପାରିଥାଆନ୍ତେ ଯେ ଖାଲି ମନସ୍ତାତ୍ତ୍ୱିକ ପଦ୍ଧତି ଯଥେଷ୍ଟ ନୁହେଁ, ତା' ସହ ଜପ ଆବଶ୍ୟକ, କାରଣ କେବଳ ଜପରହିଁ ଶରୀର ଉପରେ ରହିଛି ସିଧାସଳଖ କ୍ରିୟା । ତେଣୁ ମୋତେ ମୋର ପଦ୍ଧତିକୁ ଏକା ଖୋଜି ବାହାର କରିବାକୁ ହେଲା, ମୋତେ ନିଜକୁ ମୋର ମନ୍ତ୍ର ବାହାର କରିବାକୁ ହେଲା । କିନ୍ତୁ ବର୍ତ୍ତମାନ ସବୁ କଥା ପ୍ରସ୍ତୁତ ଅଛି । ମୁଁ ଦଶ ବର୍ଷର କାର୍ଯ୍ୟ ଅଳ୍ପ କେତୋଟି ମାସରେ କରିଛି । ସେଇ ହେଉଛି ଅସୁବିଧା, ଏହା ସମୟ ଆବଶ୍ୟକ କରେ...

ମୁଁ ମୋର ମନ୍ତ୍ରକୁ ନିରନ୍ତର ଜପ କରୁଥାଏ– ଯେତେବେଳେ ମୁଁ ଜାଗ୍ରତ ଥାଏ ଓ ଏପିରିକି ନିଦ୍ରାକାଳରେ ମଧ । ଏପରିକି ମୁଁ ପୋଷାକ ପିନ୍ଧୁଥିଲା ବେଳେ, ଖାଉଥିଲା ବେଳେ, କାମ କରୁଥିଲା ବେଳେ, ଅନ୍ୟମାନଙ୍କ ସହ କଥାବାର୍ତ୍ତା କରୁଥିଲା ବେଳେ ମୁଁ ଏହାକୁ ଆବୃତ୍ତି କରୁଥାଏ । ସବୁ ସମୟରେ, ସବୁ ସମୟରେ ଏହା ପଶ୍ଚାତରେ ରହିଥାଏ ।

ବାସ୍ତବ ପକ୍ଷରେ, ଯେଉଁମାନେ ମନ୍ତ୍ରଜପ କରନ୍ତି ଓ ଯେଉଁମାନେ କରନ୍ତି ନାହିଁ, ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ତୁମେ ତତ୍‌କ୍ଷଣାତ୍ ଦେଖିପାରିବ । ଯେଉଁମାନେ ମନ୍ତ୍ରଜପ କରନ୍ତି ନାହିଁ, ଏପରିକି ସେମାନଙ୍କର ଧାନ ଓ ଏକାଗ୍ରତାର ଏକ କଠୋର ଅଭ୍ୟାସ ଥିଲେ ବି ସେମାନଙ୍କ ଚତୁଃପାର୍ଶ୍ୱରେ କିଛି କୁହୁଡ଼ିଆ ଓ ଅସ୍ପଷ୍ଟତା ରହିଥାଏ । ଅନ୍ୟ ପକ୍ଷରେ ଯେଉଁମାନେ ଜପ ଅଭ୍ୟାସ କରନ୍ତି ଏହା ସେମାନଙ୍କୁ ଆଣି ଦେଇଥାଏ ଏକପ୍ରକାର ସୁନିର୍ଦ୍ଦିଷ୍ଟତା, ଘନୀଭୂତତା ଯାହାକି ଏକ ବର୍ମାବୃତ୍ତ ଅବସ୍ଥା ଭଳି । ସେମାନେ ଯେପରି ଶକ୍ତିର ପ୍ରଲେପାବୃତ ସଦୃଶ ହୋଇଯାଆନ୍ତି ।''

ଶରୀର ରୂପାନ୍ତର ସକାଶେ ଜପ କିପରି ଆବଶ୍ୟକ, ଏ ବିଷୟରେ ଶ୍ରୀମା ମଧ୍ଧ ବହୁତ ସ୍ପଷ୍ଟ ଭାବରେ କହିଅଛନ୍ତି –

''I have also come to realize that for this sadhana of the body, the mantra is essential.''

''ମୁଁ ମଧ୍ୟ ଉପଲବ୍ଧି କରିଛି ଯେ ଶରୀର-ସାଧନା ଲାଗି, ଅର୍ଥାତ୍ ଶରୀର ରୂପାନ୍ତର ଲାଗି ମନ୍ତ୍ରଜପ ଆବଶ୍ୟକ ।''

''...because only japa has a direct action on the body.''

''କାରଣ, କେବଳ ଜପହିଁ ଶରୀର ଉପରେ ସିଧାସଳଖ କାର୍ଯ୍ୟ କରିଥାଏ ।''

ଏବଂ ପରେ ପରେ ମା କହୁଛନ୍ତି ଯେ ସେ ଦଶ ବର୍ଷର ସାଧନା ଜପ ଦ୍ୱାରା ଅଳ୍ପ କେଇ ମାସ ମଧ୍ୟରେ କରିଛନ୍ତି ।

''I have done ten years of work in a few months.''

ସବୁ ସମୟରେ ଜପ କରିବା ଆବଶ୍ୟକ । ମା ସ୍ୱୟଂ ସବୁ ସମୟରେ ଜପ କରିବା କଥା କହିଛନ୍ତି ।

''And I repeat my mantra constantly – when I am awake and even when I sleep. I say it even when I am getting dressed, when I eat, when I work, when I speak with others; it is there, just behind in the background, all the time.''

''ମୁଁ ମୋର ମନ୍ତ୍ରକୁ ନିରନ୍ତର ଜପ କରୁଥାଏ– ଯେତେବେଳେ ମୁଁ ଜାଗ୍ରତ ଥାଏ, ଏପରିକି ନିଦ୍ରିତ ଅବସ୍ଥାରେ ମଧ୍ୟ । ଏପରିକି ପୋଷାକ ପିନ୍ଧୁ ଥିବା ବେଳେ, ଖାଉଥିବା ବେଳେ, କାମ କରୁଥିବା ବେଳେ, ଅନ୍ୟମାନଙ୍କ ସହ କଥାବାର୍ତ୍ତା କରୁଥିବା ବେଳେ, ମୁଁ ଏହାକୁ ଆବୃତ୍ତି କରୁଥାଏ । ସବୁ ସମୟରେ ଏହା ପଶ୍ଚାତ୍‌ରେ ରହିଥାଏ ।''

ଯେଉଁମାନେ ଜପ କରନ୍ତି ଓ ଯେଉଁମାନେ ଜପ ନ କରି ଗଭୀର ଧ୍ୟାନରେ ବୁଡିଯାଆନ୍ତି ଏବଂ ଏକାଗ୍ରତା ବି ରଖନ୍ତି, ଏହି ଦୁଇ ସାଧକଙ୍କ ମଧ୍ୟରେ ଥିବା ପ୍ରଭେଦ ବିଷୟରେ ମା କହୁଛନ୍ତି :

''In fact, you can immediately see the difference between those who have a mantra and those who don't. With those who have no mantra, even if they have a strong habit of meditation or concentration, something around them remains hazy and vague. Whereas the japa imparts to those who practise it a kind of precision, a kind of solidity : an armature. They become galvanized, as it were.''

''ଯଥାର୍ଥରେ ଯେଉଁମାନେ ମନ୍ତ୍ରଜପ କରନ୍ତି ଓ ଯେଉଁମାନେ କରନ୍ତି ନାହିଁ, ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ତୁମେ ତତ୍‌କ୍ଷଣାତ୍ ଦେଖି ପାରିବ । ଯେଉଁମାନେ ମନ୍ତ୍ରଜପ କରନ୍ତି ନାହିଁ ସେମାନଙ୍କର ଧ୍ୟାନ ତଥା ଏକାଗ୍ରତାର ଦୃଢ଼ ଅଭ୍ୟାସ ଥିଲେ ବି ସେମାନଙ୍କ ଚତୁଃପାର୍ଶ୍ୱରେ କିଛି କୁହୁଡ଼ିଆ ଓ ଅସ୍ପଷ୍ଟତା ରହିଥାଏ । ଅନ୍ୟ ପକ୍ଷରେ ଯେଉଁମାନେ ଜପ କରନ୍ତି ସେମାନଙ୍କୁ ଜପ ଦ୍ୱାରା ସୁନିଶ୍ଚିତତା, ଘନୀଭୂତତା ଯାହାକି ଏକ ବର୍ମାବୃତ (କବଚାବୃତ) ସଦୃଶ ପ୍ରାପ୍ତ ହୁଏ । ସେମାନେ ଯେପରି ଶକ୍ତିର ପ୍ରଲେପାବୃତ ସଦୃଶ ହୋଇଯାଆନ୍ତି ।''

ଶରୀର ରୂପାନ୍ତର ସଦୃଶ ମହାନ୍ ଦୁରୂହ କାର୍ଯ୍ୟ ମା'ଙ୍କ ବାଣୀରେ ଜପ ଦ୍ୱାରା ୭୫ ଭାଗ କଠିନତା ଦୂର ହୋଇଗଲା । ମହାନ୍ କଠିନ ରୂପାନ୍ତର ବହୁତ ସରଳ ହୋଇଗଲା ଏବଂ ରୂପାନ୍ତର ଯୋଗ ସାଧାରଣରୁ ସାଧାରଣ ବ୍ୟକ୍ତି ସକାଶେ ବହୁତ ସୁଲଭ ହୋଇଗଲା ।

## ସାଧାରଣ ଜୀବନରେ ନାମଜପ

ଶରୀର ରୂପାନ୍ତର ଯଦ୍ୟପି ସମସ୍ତ ବ୍ୟକ୍ତିଙ୍କ ଜୀବନର ଲକ୍ଷ୍ୟ, ଯାହାର ପ୍ରାପ୍ତି ସକାଶେ ସମସ୍ତ ବ୍ୟକ୍ତି ଅଜ୍ଞାତରୂପେ ସମସ୍ତ କର୍ମ ମାଧ୍ୟମରେ ଯାତ୍ରା କରୁଅଛନ୍ତି,– ଏହା ଏତେ ସ୍ପଷ୍ଟ, ଏତେ ବାସ୍ତବ ହେବା ସତ୍ତ୍ୱେ ଯେଉଁମାନେ ଏହି ଲକ୍ଷ୍ୟ ସମ୍ବନ୍ଧେ ସଚେତ ନ ହେବେ, ଯେଉଁମାନଙ୍କର ଅନ୍ତରାତ୍ମା ଜାଗ୍ରତ ହୋଇ ନ ଥିବ, ଯେଉଁମାନଙ୍କର ପାରିବାରିକ ଜୀବନହିଁ ସର୍ବସ୍ୱ, ସେମାନେ ବି ନାମଜପ କଲେ ସଙ୍ଗେ ସଙ୍ଗେ ପାରିବାରିକ ସାଧାରଣ ଜୀବନରେ ସୁଖଶାନ୍ତି ଓ ଆନନ୍ଦ ପ୍ରାପ୍ତ କରି ପ୍ରସନ୍ନତାରେ ରହିପାରିବେ, ଅନ୍ତରାତ୍ମା ମଧ୍ୟ ଜାଗ୍ରତ ହେବ ଏବଂ ସ୍ୱାଭାବିକରୂପେ ଜୀବନର ଅନିବାର୍ଯ୍ୟ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ମାର୍ଗରେ ଯାତ୍ରା କରିପାରିବେ ।

ଧନୀଠାରୁ ଦରିଦ୍ର, ପଣ୍ଡିତଠାରୁ ମୂର୍ଖ, ଧାର୍ମିକଠାରୁ ଦୁରାଚାରୀ – ସମସ୍ତ ବ୍ୟକ୍ତି ପାରିବାରିକ, ବ୍ୟାବହାରିକ ସାମାଜିକ ଦୁଃଖରେ ମ୍ରିୟମାଣ ହେଉଅଛି । କାହାର ଧନର ଚିନ୍ତା, କାହାର ପୁତ୍ରକନ୍ୟାର, ରୋଗର ଚିନ୍ତା, ଭାଇ ଭାଇ, ଶାଶୂ ବୋହୂ, ପିତା ପୁତ୍ର ମଧ୍ୟରେ ମନୋମାଳିନ୍ୟ, ମନାନ୍ତର, ମତାନ୍ତର, ଅଫିସ୍‌ରେ ବିରୋଧ, ରାଜନୀତିରେ ବିବାଦ, ପରିବାରରେ କଳି, ଶତ୍ରୁର ଭୟ, ରୋଗର ଭୀଷଣତାର ଭୟ, ନିଜର ମୃତ୍ୟୁର ଭୟ ତଥା ନାରୀମାନଙ୍କର ପତି ଓ ପୁତ୍ରର ମୃତ୍ୟୁର ଭୟରେ ଜୀବନ ବ୍ୟତିବ୍ୟସ୍ତ ତଥା ଭାରାକ୍ରାନ୍ତ ହୋଇପଡ଼େ । ଯେଉଁମାନଙ୍କର ଏହି ଚିନ୍ତାଭୟ ଅଧିକ ହୁଏ ସେମାନଙ୍କର ମସ୍ତିଷ୍କ ଖରାପ ହୁଏ; କେହି କେହି ସହି ନ ପାରି ଆତ୍ମହତ୍ୟା କରନ୍ତି । ଅନ୍ୟମାନେ ଦୁଃଖକଷ୍ଟରେ ଜୀବନ ଅତିବାହିତ କରନ୍ତି । ଏହିପରି ବ୍ୟକ୍ତି ଯଦି 'ମା'– ଏହି ନାମଜପର ଆଶ୍ରୟ ନିଅନ୍ତି, ସବୁ ସମୟରେ ନାମଜପ କରିବାକୁ ଦୃଢ଼ସଂକଳ୍ପ ସହିତ ଆସ୍ପୃହା କରନ୍ତି ସେମାନେ ନାମଜପ ସଙ୍ଗେ ସଙ୍ଗେ ଶାନ୍ତି ଓ ଆନନ୍ଦ ଉପଲବ୍ଧି କରିପାରିବେ ଏବଂ ବାଧାବିପତ୍ତିରୁ ମଧ୍ୟ ମୁକ୍ତ ହୋଇପାରିବେ ।

ଯେତେବେଳେ ଯେଉଁ ବିଷୟରେ ଚିନ୍ତା ବା ଭୟ ଆସିବ, ଯେଉଁ ସମସ୍ୟା ସମାଧାନ କରିପାରୁ ନ ଥିବେ, ଯେଉଁ ଘଟଣା ନେଇ ମନସ୍ତାପ ହେବ, ସଙ୍ଗେ ସଙ୍ଗେ 'ମା'– ଏହି ନାମଜପ କରିବେ ଏବଂ ଜପ ସଙ୍ଗେ ସଙ୍ଗେ ଭୟ, ଚିନ୍ତା, ଉଦ୍‌ବେଗ ଅଥବା ଯେକୌଣସି ବାଧାବିପତ୍ତିକୁ ମା'ଙ୍କ ଚରଣରେ ସମର୍ପଣ କରିବେ । ଅର୍ଥାତ୍ ନାମଜପ ସଙ୍ଗେ ସଙ୍ଗେ ଧାରଣା କରିବେ, ''ଏହାକୁ ତୁମ ଚରଣରେ ନିବେଦନ କଲି, ତୁମେ ଏହାକୁ ରୂପାନ୍ତର କର ଏବଂ ଏହି ସମସ୍ୟାର ସମାଧାନ କର ।'' ଏହି ଧାରଣାରେ ନାମଜପ କଲେ ଚିନ୍ତା, ଭୟ, ଉଦ୍‌ବେଗ, ମନସ୍ତାପ ଦୂର ହୋଇ ଶାନ୍ତି ପ୍ରତିଷ୍ଠା ହେବ ଏବଂ ଜଟିଳ ସମସ୍ୟା ସମାଧାନର ଉତ୍ତମ ପ୍ରେରଣା ଆସିବ, ବିପଦ ମଧ୍ୟ ଦୂର ହେବ । ବ୍ୟକ୍ତି ଏହିପରି ନାମଜପ କଲେ ଗୃହରେ କଳି, ବିରୋଧ ହେବ ନାହିଁ । ଭାଇ ଭାଇ ପୃଥକ୍ ହେବେ ନାହିଁ । ଶାଶୂ ବୋହୂଙ୍କ ମଧ୍ୟରେ ସଦ୍‌ଭାବନା ରହିବ । ସମାଜରେ ଆଦର୍ଶ ପରିବାରରୂପେ ସମ୍ମାନିତ ହେବେ ।

କଳି, ବାଦ, ପ୍ରତିବାଦ ହୁଏ ଅହଂ ଓ ସ୍ୱାର୍ଥ ଯୋଗୁଁ । ଅହଂ ଓ ସ୍ୱାର୍ଥରୁ ଆସେ ଈର୍ଷା, ବିରୋଧ । କିନ୍ତୁ ନାମଜପ ପ୍ରଭାବରେ କ୍ରମଶଃ ଆମର ଅହଂ, ସ୍ୱାର୍ଥ ଓ ପ୍ରତିକୂଳ ରିପୁ ଶୁଦ୍ଧ ହୁଅନ୍ତି । ସେଥିରେ ନାମର ପ୍ରକାଶ ପଡ଼େ । ନାମର ପ୍ରକାଶରେ ଅଜ୍ଞାନ-ଅନ୍ଧକାର କ୍ରମଶଃ ପରିବର୍ତ୍ତିତ ହୁଅନ୍ତି ଏବଂ ଭକ୍ତିଜ୍ଞାନର ପ୍ରକାଶରେ କ୍ଷୁଦ୍ର ଅହଂ, ସ୍ୱାର୍ଥ କ୍ରିୟା କରିପାରନ୍ତି ନାହିଁ ।

''ମ'କାର ଚନ୍ଦ୍ରବୀଜ ଏବଂ 'ଆ'କାର ଅଗ୍ନିବୀଜ''– ମା ଏହି ନାମଜପରେ ଅଜ୍ଞାନ ତଥା ଦୁଷ୍କୃତି ଭସ୍ମ ହୁଅନ୍ତି । ଆନନ୍ଦ, ଶାନ୍ତି ଓ ସମତାଦି ଦିବ୍ୟଗୁଣ ପ୍ରକାଶ ହୁଅନ୍ତି । ତେବେ ବ୍ୟକ୍ତି ସୁଖଶାନ୍ତିରେ ନିଜେ ରହନ୍ତି ତଥା ଅନ୍ୟର ସର୍ବଦା ହିତ ଏବଂ ମଙ୍ଗଳ ଚାହାନ୍ତି । ଏହି କାରଣରୁ ଗୃହ ଅଧାମ୍ ଆଶ୍ରମରେ ପରିଣତ ହୁଏ ।

କେବଳ ନାମଜପରେହିଁ ବ୍ୟକ୍ତି ଗୃହରେ ସୁଖ ଶାନ୍ତିରେ ରହି ଭଗବତ୍‌ପ୍ରାପ୍ତି ଲକ୍ଷ୍ୟମାର୍ଗରେ ଯାତ୍ରା କରିପାରନ୍ତି । ପୂର୍ବେ ଏପରି ଆଦର୍ଶ ପରିବାର ବ୍ୟାପକରୂପେ ହେବା ସମ୍ଭବ ନ ଥିଲା । ବର୍ତ୍ତମାନ ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରୁଅଛି । ରୂପାନ୍ତର ଲକ୍ଷ୍ୟ ଗ୍ରହଣ କରିଥିବା ସାଧକ ଲକ୍ଷ୍ୟପ୍ରାପ୍ତି ମାର୍ଗରେ ଅଗ୍ରସର ହେଉଅଛନ୍ତି । ଅତିମାନସ ଶକ୍ତିର

ରୂପାନ୍ତର ପ୍ରଭାବ ପୃଥିବୀ ବାତାବରଣରେ ପଡୁଅଛି । ଅତିମାନସ ଶକ୍ତିର ରୂପାନ୍ତର ପ୍ରଭାବ ଯୋଗୁଁ ବର୍ତ୍ତମାନ ଯେଉଁମାନେ ମନ-ପ୍ରାଣ-ଶରୀରର ରୂପାନ୍ତର ସକାଶେ ସାଧନା ନ କରି କେବଳ ପରିବାରରେ ସୁଖଶାନ୍ତିରେ ରହିବା ସକାଶେ ମା'ଙ୍କ ନାମଜପ କରିବେ ସେମାନଙ୍କ ପରିବାରରେ ସୁଖଶାନ୍ତି ପ୍ରତିଷ୍ଠା ହୋଇ ପାରିବ । ସେମାନେ ବହୁ ସଂଖ୍ୟାରେ ଆଦର୍ଶ ଗୃହସ୍ଥ ହୋଇପାରିବେ । ତେବେ ପରିବାର, ସମାଜ, ଦେଶ, ସଂସାରରୁ ଆସ୍ତେ ଆସ୍ତେ ଉପସ୍ଥିତ ଶ୍ୱାସରୋଧକାରୀ ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର କମ୍ ହେବାକୁ ଲାଗିବ । ଏହା ଦ୍ୱାରା ରୂପାନ୍ତର ଲକ୍ଷ୍ୟ ଗ୍ରହଣ କରି ସାଧନା କରୁଥିବା ସାଧକମାନଙ୍କ ଅଗ୍ରଗତିରେ ସାହାଯ୍ୟ ମିଳିବ । ସାଧକମାନଙ୍କ ଅଗ୍ରଗତିରେ ଆଦର୍ଶ ପରିବାର, ସମାଜ, ଦେଶରେ ଶାନ୍ତିଶୃଙ୍ଖଳା ବୃଦ୍ଧି ହେଉଥିବ । ଅତଏବ ସମସ୍ତ ବ୍ୟକ୍ତିଙ୍କର ନାମଜପ କରିବା ଉଚିତ ।

## ଜପରେହିଁ ବାଧାବିପତ୍ତି ଦୂର ହୁଏ

ମନ-ପ୍ରାଣ-ଶରୀରର ରୂପାନ୍ତର ମହାନ୍ କଠିନ୍ କାର୍ଯ୍ୟ ବୋଲି କୁହା ହୋଇଛି; କାରଣ ଏସବୁର ଗୁଣଧର୍ମ କାମକ୍ରୋଧାଦି ରିପୁ ରୂପାନ୍ତର ହେବାକୁ ଚାହାନ୍ତି ନାହିଁ । ରୂପାନ୍ତରକାରିଣୀ ଅତିମାନସ ଶକ୍ତିର ସ୍ପର୍ଶ ପାଇବା ମାତ୍ରେ କିଂବା ସାଧକ ସାଧନାମାର୍ଗରେ କିଛି ଅଗ୍ରସର ହେଲେ ଊର୍ଦ୍ଧ୍ୱରୁ ଶାନ୍ତି, ଜ୍ୟୋତି, ଆନନ୍ଦ, ଜ୍ଞାନ ଅଳ୍ପ ମାତ୍ରାରେ ସାଧକର ମନ-ପ୍ରାଣ-ଶରୀର ଆଧାରରେ ଅବତରଣ କରିବା ମାତ୍ରେ, ମନ-ପ୍ରାଣ-ଶରୀରର ଗୁଣଧର୍ମ କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଅବସାଦ, ଯାନ୍ତ୍ରିକ ବିଚାର, ଜଡ଼ତା, ତାମସିକତା, ଆଳସ୍ୟ, ରୋଗ ଆଦି ସବୁ ଗୋଟିଏ ପରେ ଗୋଟିଏ, କିଂବା ଏକ ସଙ୍ଗେ ଦୁଇଟି ବା ତିନୋଟି ମିଶି ରୂପାନ୍ତର କାର୍ଯ୍ୟରେ ବାଧା ଦେବା ସକାଶେ ସମ୍ମୁଖକୁ ଆସନ୍ତି । ଏକାସଙ୍ଗେ ସମସ୍ତ ରିପୁ ସାଧକକୁ ଆକ୍ରମଣ କରିବା ସକାଶେ ଭାଗବତୀ ଶକ୍ତି ରାସ୍ତା ଦିଅନ୍ତି ନାହିଁ । ସାଧକ ଯେତିକି ବରଦାସ୍ତ କରି ଭାଗବତୀ ଶକ୍ତିକୁ ସମର୍ପଣ କରି ପାରିବେ ସେତିକି ପରିମାଣରେ ଭାଗବତୀ ଶକ୍ତି ସ୍ପର୍ଶ କରନ୍ତି । ତା'ଛଡ଼ା କେବେ କେବେ ବାହ୍ୟ ବ୍ୟବହାରରେ ଅନ୍ୟମାନଙ୍କ ସହିତ ମନୋମାଳିନ୍ୟ, ମନାନ୍ତର ହୁଏ । କେହି କେହି ସାଧକକୁ ଶାରୀରିକ ରୋଗର ଭୟ, ମୃତ୍ୟୁର ଭୟ ତଥା ଅନ୍ୟାନ୍ୟ ଭୟ ଆକ୍ରମଣ କରି ଅସ୍ତବ୍ୟସ୍ତ କରି ପକାଏ । କିନ୍ତୁ ସାଧକ ଏହିସବୁ ଆକ୍ରମଣ ସମ୍ବନ୍ଧେ ସଚେତ ରହି ଯଦି ନିରନ୍ତର 'ମା'– ଏହି ନାମଜପ କରନ୍ତି ଏବଂ ଜପ ସହିତ ଧାରଣା କରନ୍ତି ଯେ 'ମୁଁ ତୁମର, ତୁମ ଚରଣରେ ଏହିସବୁ ରିପୁଙ୍କୁ ସମର୍ପଣ କରୁଛି ।' ଏହି ଧାରଣା ରଖି ଶୀଘ୍ର ଶୀଘ୍ର 'ମା' ନାମଜପ କରିବାକୁ ସାଧକ ଚାହିଁଲେ ତଥା ଚେଷ୍ଟା କଲେ ଜପ ଶୀଘ୍ର ହୁଏ; ଜିହ୍ୱା ଏବଂ ଓଷ୍ଠରେ ଗତି ହୁଏ କିନ୍ତୁ ଶବ୍ଦ ଶୁଣାଯାଏ ନାହିଁ । ଏହିପରି ଜପ ଶୀଘ୍ର ହେବା ସତ୍ତ୍ୱେ ଶ୍ୱାସପ୍ରଶ୍ୱାସର ଗତିରେ ବାଧାପଡ଼େ ନାହିଁ । ଜପ ସହିତ ସମର୍ପଣ ଭାବ ଥିବାରୁ ଅନ୍ୟ ଯାନ୍ତ୍ରିକ ବିଚାର ଆସିପାରନ୍ତି ନାହିଁ । ଏହିପରି ସମର୍ପଣ ଭାବ ରହିଲେ ମା'ଙ୍କ ଶକ୍ତି ଛୋଟ ଶିଶୁ ସଦୃଶ ସାଧକକୁ ରକ୍ଷା କରନ୍ତି । ପ୍ରତିକୂଳ ଆକ୍ରମଣରେ ସାଧକର କିଛି କ୍ଷତି ହୁଏ ନାହିଁ । ନାମଜପ ତଥା ମାତୃଶକ୍ତିଙ୍କ ଉପରେ ବିଶ୍ୱାସ ଭରସା ବଢ଼େ ।

ଯେଉଁ ସାଧକମାନଙ୍କର ମାତୃଶକ୍ତିଙ୍କ ଉପରେ ଦୃଢ଼ବିଶ୍ୱାସ ଭରସାରେ ତ୍ରୁଟି ଥାଏ, ସମର୍ପଣରେ ଆନ୍ତରିକ ଭାବ ଦୁର୍ବଳ ଥାଏ ଏବଂ ସମର୍ପଣ ଭାବ ସହିତ 'ମା' ନାମ ନିରନ୍ତର ଜପ କରୁ ନ ଥା'ନ୍ତି ତଥା କାମ, କ୍ରୋଧ, ଅହଂ, ସ୍ୱାର୍ଥାଦିର ଆକ୍ରମଣ ସମ୍ବନ୍ଧେ ସଚେତ ସଜାଗ ନ ହୋଇ ସେସବୁକୁ ଯଦି ପ୍ରଶ୍ରୟ ଦିଅନ୍ତି, ତେବେ ଏହିସବୁ ପ୍ରତିକୂଳ ରିପୁଙ୍କ ଆକ୍ରମଣର ପ୍ରଭାବ ତାଙ୍କ ମସ୍ତିଷ୍କରେ ପଡ଼େ ଏବଂ ମସ୍ତିଷ୍କର ଚାପ ଅସହ୍ୟ ହୋଇପଡ଼େ, ଅସ୍ଥିରତା ବ୍ୟତିବ୍ୟସ୍ତ କରିପକାଏ, ଏଥିରେ ସେମାନେ ବିବ୍ରତ ହୋଇପଡ଼ନ୍ତି । ଏହିପ୍ରକାର ବାଧାରୁ ମୁକ୍ତ ହେବା ବହୁତ କଠିନ ହୋଇପଡ଼େ । କାହାରି ପକ୍ଷେ ଏହି ସ୍ଥିତି ବହୁତ ଭୟଙ୍କର ହୋଇଉଠେ ।

କିନ୍ତୁ ସାଧକ ସଚେତ ସଜାଗ ହୋଇ, ରିପୁମାନଙ୍କ ଆକ୍ରମଣକୁ ପ୍ରଶ୍ରୟ ନ ଦେବାକୁ ମା'ଙ୍କ ଉପରେ ଭରସା ରଖି ଦୃଢ଼ ସଂକଳ୍ପ କରି ଯଦି 'ମା' ନାମ ଜପ କରନ୍ତି ତେବେ ସେ ଏହିସବୁ ଦସ୍ୟୁଙ୍କ ଆକ୍ରମଣରୁ ସହଜରେ ମୁକ୍ତ

ହୁଅନ୍ତି । ନାମଜପରେ ମା'ଙ୍କ ଶକ୍ତି ପ୍ରତ୍ୟକ୍ଷଭାବେ ସାହାଯ୍ୟ କରନ୍ତି ଏବଂ ରିପୁମାନଙ୍କ କବଳରୁ ମୁକ୍ତ ହେବାର ପ୍ରଣାଳୀର ପ୍ରେରଣା ମଧ୍ୟ ଦିଅନ୍ତି ।

'ମା'– ଏହି ନାମ ନିରନ୍ତର ଜପ କରିବାକୁ ହୁଏ । ଜପ ସଙ୍ଗେ ସଙ୍ଗେ ଧାରଣା କରିବାକୁ ହୁଏ, ''ମୁଁ ତୁମର, ତୁମ ଚରଣରେ ଏହିସବୁ ପ୍ରତିକୂଳ ପରିସ୍ଥିତିକୁ ସମର୍ପଣ କରୁଅଛି ।'' ଏହିପରି ଜପ ଦ୍ୱାରା ଆକ୍ରମଣର ପ୍ରଭାବ ଓ ବାଧା କମିଯାଏ । କିଛିଦିନ ପରେ ସେହି ବାଧା ପୂର୍ଣ୍ଣରୂପେ ରୂପାନ୍ତରିତ ହୋଇଯାଏ ।

ଏହିପରି ଗୋଟିଏ ବାଧା ଦୂର ହେଲେ ସାଧକର ମା'ଙ୍କ ନାମଜପରେ ଆଗ୍ରହ, ଶ୍ରଦ୍ଧା ଓ ବିଶ୍ୱାସ ବଢ଼େ, ମା'ଙ୍କ ଉପରେ ଭରସା ଦୃଢ଼ ହୁଏ । ସାଧକର ଆନ୍ତରିକ ବଳ, ନିର୍ଭରତା, ସାହସ ଓ ଧୈର୍ଯ୍ୟ ବୃଦ୍ଧି ହୁଏ । ମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ନାମଜପ ସହିତ ସମର୍ପଣ ଭାବ ରଖିଲେ ରୂପାନ୍ତର ସାଧନାରେ ବାଧାବିଘ୍ନ ବହୁପରିମାଣରେ କମିଯାଏ ଏବଂ ଭବିଷ୍ୟତ ବାଧାରେ ସାଧକ ଭୟଭୀତ ହୁଅନ୍ତି ନାହିଁ । ଅପେକ୍ଷାକୃତ ବହୁତ ବର୍ଷର ସାଧନା ଅଳ୍ପ ମାସ ମଧ୍ୟରେ କରି ପାରନ୍ତି ।

'ମା'– ଏହି ନାମଜପ ସହିତ ସମର୍ପଣ ଧାରଣା ରଖିଲେ ମା ନାମର ଅଗ୍ନିବୀଜ ପ୍ରଭାବରେ ପ୍ରତିକୂଳ ରିପୁଙ୍କ ଶକ୍ତି କ୍ରମଶଃ ଭସ୍ମହୋଇ ରୂପାନ୍ତରିତ ହେବାକୁ ଆରମ୍ଭ କରନ୍ତି । କ୍ରମଶଃ ପ୍ରତିକୂଳ ବିଚାର କମ୍ ଆସନ୍ତି । କିନ୍ତୁ ସଜାଗ ହୋଇ ସମର୍ପଣ ଭାବ ରଖି ଜପ କଲେ ପ୍ରତିକୂଳ ବିଚାର ଆସିବାର ମାର୍ଗ ରୁଦ୍ଧ ହୋଇଯାଏ, ପ୍ରତିକୂଳ ବିଚାର, ଭୟ, ଚିନ୍ତା ନ ଆସିଲେ ସାଧକର ମସ୍ତିଷ୍କରେ ଖରାପ ପ୍ରଭାବ ପଡ଼େ ନାହିଁ । ଏତିକି ହେଲେ ସାଧକ ସାଧନାମାର୍ଗରେ ଗୋଟିଏ ଦୃଢ଼ ପଦ ରଖିବାକୁ ସ୍ଥାନ ପାଇ ଯାଆନ୍ତି । ଶରୀର ରୂପାନ୍ତର ମାର୍ଗରେ ରୋଗ ତଥା ଅନ୍ୟାନ୍ୟ ବାଧା ଆସନ୍ତି କିନ୍ତୁ ମା'ଙ୍କ ବରଦ ହସ୍ତ ସର୍ବଦା ସାଧକର ମସ୍ତିଷ୍କ ଉପରେ ଥିବାରୁ ସେମାନଙ୍କ ଆକ୍ରମଣରେ ସାଧକ ବିବ୍ରତ କିଂବା ହତାଶ ହୁଅନ୍ତି ନାହିଁ । ବରଂ ସେ ଅଧିକରୁ ଅଧିକ ନାମଜପରେ ମଗ୍ନ ରହି ମା'ଙ୍କ ଚରଣରେ ନିଜକୁ ସମର୍ପଣ କରନ୍ତି ।

ପ୍ରଶ୍ନ : ଶ୍ରୀମା କହୁଛନ୍ତି, ''ଶ୍ରୀଅରବିନ୍ଦ କୌଣସି ମନ୍ତ୍ର ଦେଇ ନ ଥିଲେ ।'' (Sri Aurobindo gave none;) କିନ୍ତୁ ଶ୍ରୀଅରବିନ୍ଦ ସାବିତ୍ରୀ ମହାକାବ୍ୟ, ଯୋଗସମନ୍ୱୟ, ପତ୍ରାବଳିରେ ଜପ ସମ୍ବନ୍ଧେ କେତେକ ସ୍ଥାନରେ ଲେଖିଅଛନ୍ତି ଏବଂ ''ଏହି ଯୋଗର ମନ୍ତ୍ର ମା'ଙ୍କ ନାମ ଅଥବା ମୋ ନାମ ସହିତ ମା'ଙ୍କ ନାମ'' ବୋଲି କହିଅଛନ୍ତି । ଶ୍ରୀଅରବିନ୍ଦ ନାମଜପ ସମ୍ବନ୍ଧେ କହିଥିବା ବାକ୍ୟ ମଧ୍ୟରୁ କିଛି ବାକ୍ୟ ଏଠାରେ ଉଦ୍ଧୃତ କରୁଅଛି :

"As a rule the only mantra used in this Sadhana is that of the Mother or of my name and the Mother's."

(Sri Aurobindo on Himself P-511, Cen. Ed.)

ଅର୍ଥାତ୍, ''ଏହି ସାଧନାର ପଦ୍ଧତି ଦୃଷ୍ଟିରୁ ଯେଉଁ ଏକମାତ୍ର ମନ୍ତ୍ର ଏଥିରେ ଜପ କରାଯାଏ ତାହା ହେଉଛି ମା'ଙ୍କ ନାମ କିଂବା ମୋ ନାମ ସହିତ ମା'ଙ୍କ ନାମ ।''

## A mantra

"OM Sri Aurobindo Mira

Open my mind, my heart, my life to your Light, your Love, your Power. In all things may I see the Divine."

(Sri Aurobindo on Himself, P-512, Cen. Ed.)

## ଏକ ମନ୍ତ୍ର

''ଓଁ ଶ୍ରୀଅରବିନ୍ଦ ମୀରା

ମୋର ମନ, ମୋର ହୃଦୟ ଓ ମୋର ଜୀବନକୁ ତୁମରି ଜ୍ୟୋତି, ତୁମରି ପ୍ରେମ ଓ ତୁମରି ଶକ୍ତି ପ୍ରତି ଉନ୍ମୀଳିତ କର । ସକଳ ବସ୍ତୁରେ ମୁଁ ଭଗବାନଙ୍କୁ ଦର୍ଶନ କରେ ।''

ଶ୍ରୀଅରବିନ୍ଦ କୌଣସି ସାଧକଙ୍କୁ ମନ୍ତ୍ର ଦେଇଥିଲେ –

''ଓଁ ଆନନ୍ଦମୟି ଚୈତନ୍ୟମୟି ସତ୍ୟମୟି ପରମେ ।''

ଏଠାରେ ଶ୍ରୀଅରବିନ୍ଦ ନାମଜପ ସମ୍ବନ୍ଧେ କହିଥିବା କେତେକ ବାକ୍ୟ ଉଦ୍ଧୃତ କରା ହେଲା କିନ୍ତୁ ସେ ତାଙ୍କ ଗ୍ରନ୍ଥରେ ବହୁ ସ୍ଥାନରେ ନାମଜପ ତଥା ମନ୍ତ୍ରଜପ ସମ୍ବନ୍ଧେ କହିଅଛନ୍ତି ଏବଂ ବହୁ ସାଧକଙ୍କୁ ମଧ ଲେଖିଅଛନ୍ତି ।

## ନାମସାଧନା ସମ୍ପର୍କରେ ଶ୍ରୀଅରବିନ୍ଦ

Any name, any form, any symbol, any offering has been held to be sufficient if there is the consecration along with it; ...

(The Synthesis of Yoga, P.75)

ଯେକୌଣସି ନାମ, ଯେକୌଣସି ରୂପ, ଯେକୌଣସି ପ୍ରତୀକ, ଯେକୌଣସି ନୈବେଦ୍ୟକୁ ପର୍ଯ୍ୟାପ୍ତରୂପେ ଗ୍ରହଣ କରାଯାଇଛି ଯଦି ଏଥି ସହ ରହିଛି ସମର୍ପଣର ଭାବ, ... (ଯୋଗସମନ୍ୱୟ)

There is, of course, a third way, the reliance on the power of the Mantra, or name in itself;–

(Letters on Yoga, Book II, Tom I, P.717)

''ଅବଶ୍ୟ ଏକ ତୃତୀୟ ମାର୍ଗ ରହିଛି । ତାହା ହେଉଛି ମନ୍ତ୍ରଶକ୍ତି ବା ସ୍ୱୟଂ ନାମ ଉପରେ ନିର୍ଭରତା ।''

(ପତ୍ରାବଳି)

"The name of the Divine is usually called in for protection, for adoration, for increase of bhakti, for the opening up of the inner consciousness, for the realisation of the Divine in that aspect. As far as it is necessary to work in the subconscious for that, the Name must be effective there."

(ibid. P.718)

''ଭଗବାନଙ୍କ ନାମ ସାଧାରଣତଃ ଜପ କରାଯାଇଥାଏ ସୁରକ୍ଷା, ଆରାଧନା, ଭକ୍ତିର ଅଭିବୃଦ୍ଧି, ଆନ୍ତର ଚେତନାର ଉନ୍ମୀଳନ ତଥା ଭଗବାନଙ୍କର ସେହି ବିଶେଷ ଦିଗଟିର ଉପଲବ୍ଧି ଲାଗି । ଅବଚେତନାର ଭୂମିରେ କ୍ରିୟା କରିବା ନିମନ୍ତେ ଯେତେବେଳ ପର୍ଯ୍ୟନ୍ତ ଏହାର ଆବଶ୍ୟକତା ରହିଛି ସେତେବେଳ ପର୍ଯ୍ୟନ୍ତ ସେଠାରେ ଏହାକୁ ଫଳପ୍ରଦ ଭାବରେ ରହିବାକୁ ହେବ ।''

(ପତ୍ରାବଳି)

"Nama japa has a great power in it."

(ibid. p. 718)

''ନାମଜପରେ ଏକ ମହାନ୍ ଶକ୍ତି ରହିଛି ।'' (ପତ୍ରାବଳି)

"A psychic fire within must be lit into which all is thrown with the Divine Name upon it."

(The Synthesis of Yoga, p. 149)

''ଅନ୍ତରରେ ଏକ ଚୈତ୍ୟ-ଅଗ୍ନିକୁ ପ୍ରଜ୍ୱଳିତ ରଖିବାକୁ ହେବ ଯାହା ମଧ୍ୟକୁ ଭଗବତ୍ ନାମ ସ୍ମରଣ ସହ ସବୁକିଛିକୁ ଆହୁତି ଦିଆଯାଏ ।'' (ଯୋଗସମନ୍ୱୟ)

Here must the traveller of upward way –
For daring Hell's kingdoms winds the heavenly route –
Pause or pass slowly through that perilous space
A prayer upon his lips and the great Name.

(Savitri, Bk. II, Canto VII, P. 238)

ନରକର ରାଜ୍ୟ ଦେଇ
ସରଗକୁ ଅଙ୍କାବଙ୍କା ପଥେ
ଚାଲିବାକୁ ଏଠି
ଊର୍ଦ୍ଧ୍ୱପଥ ଯାତ୍ରୀ ଯେବେ
ବାନ୍ଧଇ ସାହସ, ତେବେ –
ସେଇ ଭୟଙ୍କର ରାଜ୍ୟେ,
ସିଏ ଅଟକୁ ଟିକିଏ ଅବା
ଅତିକ୍ରମୁ ଚାଲି ତାକୁ ଧୀର ପଦକ୍ଷେପ,
ଓଷ୍ଠେ ତା'ର ଲାଗିଥିବ
ପ୍ରାର୍ଥନାର ଗୀତି ଆଉ
ନାମ ସୁମହାନ । (ସାବିତ୍ରୀ)

Arousing Consciousness in things inert,
He imposed upon dark atom and dumb mass
The diamond script of the Imperishable,
Inscribed on the dim heart of fallen things

A paean-song of the free Infinite
And the Name, foundation of eternity,

(Savitri, Bk. II, Canto. VIII, P. 263)

ନିଷ୍କ୍ରିୟ ପଦାର୍ଥ ବୁକେ ଜଗାଇ ଚେତନା
ଅନ୍ଧକାର ଅଣୁ ଆଉ ମୂକ ପିଣ୍ଡ ପରେ
ଛାପିଲେ ସେ ଅକ୍ଷୟଙ୍କ ହୀରକର ଲିପି,
ପତିତ ବସ୍ତୁର ସେହି ଅସ୍ପଷ୍ଟ ହୃଦୟେ
ଖୋଦନ କରିଲେ ମୁକ୍ତ ଅନନ୍ତଙ୍କ ଏକ
ବନ୍ଦନାର ଗୀତି ଆଉ ଶାଶ୍ୱତଙ୍କ
ଭିତ୍ତିସମ ଦିବ୍ୟ ନାମ ଏକ,... (ସାବିତ୍ରୀ)

"A key to a Light still kept in being's core,
The sun-word of an ancient mystery's sense,
Her name ran murmuring on the lips of men
Exalted and Sweet like an inspired verse..."

(Savitri, Bk. IV, Canto II, P. 417)

''ସତ୍ତାର ଗହନେ ଲୁଚି ରହିଛି ଯେ ଜ୍ୟୋତି,
ପ୍ରାଚୀନ ରହସ୍ୟମତେ, ଚାବି ତା'ର
ଥିବା ହେତୁ ସବିତୃ-ଶବ୍ଦରେ
ଲୋକମୁଖେ ନାମ ତାଙ୍କ ହେଲା ମର୍ମରିତ
ପ୍ରଚୋଦିତ ମନ୍ତ୍ରସମ ଭରା ତାହା
ମଧୁର ପୁଲକେ...'' (ସାବିତ୍ରୀ)

"They sang Infinity's names and deathless powers
In metres that reflect the moving worlds,"

(Savitri, Bk. IV, Canto IV, P. 435)

''ଗତିଶୀଳ ଜଗତର ଛନ୍ଦେ ଦେଇ ତାଳ
ଗାଇଲେ ସେମାନେ
ଅସୀମଙ୍କ ନାମ ଆଉ ଶକ୍ତି ମୃତ୍ୟୁହୀନ,'' (ସାବିତ୍ରୀ)

"Usually the Mother's name has the full power in it; but in certain states of consciousness the double Name* may have a special effect."

(Sri Aurobindo on Himself, P. 512, Cen. Ed.)

* The double Name – "Sri Aurobindo Mira" ଯୁଗ୍ମନାମ – ''ଶ୍ରୀଅରବିନ୍ଦ-ମୀରା''

ମା'ଙ୍କ ନାମରେ ସାଧାରଣତଃ ପୂର୍ଣ୍ଣ ଶକ୍ତି ରହିଛି; କିନ୍ତୁ ଚେତନାର କେତେକ ସ୍ଥିତିରେ ଯୁଗ୍ମନାମ*ର ସ୍ୱତନ୍ତ୍ର ଫଳପ୍ରଦତା ଥାଇପାରେ ।

(ନିଜ ସମ୍ବନ୍ଧେ ଶ୍ରୀଅରବିନ୍ଦ)

ପ୍ରଶ୍ନ : ଜପ ସମ୍ବନ୍ଧେ ଶ୍ରୀଅରବିନ୍ଦ ଏତେ କହିବା ସତ୍ତ୍ୱେ ମା କହିଲେ, ''ଶ୍ରୀଅରବିନ୍ଦ କୌଣସି ମନ୍ତ୍ର ଦେଇ ନ ଥିଲେ ।'' ଶ୍ରୀମା ଏପରି କହିବାର ତାତ୍ପର୍ଯ୍ୟ କ'ଣ ? ସ୍ପଷ୍ଟଭାବେ ବୁଝେଇ ଦିଅନ୍ତୁ ।

ଉତ୍ତର : ''ଏହି ଯୋଗର ମନ୍ତ୍ର ମା'ଙ୍କ ନାମ ଅଥବା ମୋ ନାମ ସହିତ ମା'ଙ୍କ ନାମ'' ବୋଲି ଶ୍ରୀଅରବିନ୍ଦ କହିଲେ । ଏହା ହେଉଛି ଏହି ଯୋଗର ମନ୍ତ୍ର । ଏହା ଛଡ଼ା ବି ଶ୍ରୀଅରବିନ୍ଦ ଜପ ସମ୍ବନ୍ଧେ ବହୁ ସ୍ଥାନରେ ଲେଖିଅଛନ୍ତି । କିନ୍ତୁ ସେସମୟରେ ସାଧନା ଯେଉଁ ସ୍ତରରେ ଥିଲା ମନ୍ତ୍ରଜପର ବିଶେଷ ଆବଶ୍ୟକତା ନ ଥିଲା । ସେହି ସକାଶେ ଶ୍ରୀଅରବିନ୍ଦ ମନ୍ତ୍ରଜପ ଉପରେ ସେତେ ଜୋର୍ ଦେଇ ନ ଥିଲେ । ବରଂ ଶ୍ରୀମା'ଙ୍କ ଭାଷାରେ 'ଶ୍ରୀଅରବିନ୍ଦ କହିଥିଲେ', "he said that one should be able to do all the work without having to resort to external means." ଅର୍ଥାତ୍, ''ଜଣେ କୌଣସି ବାହ୍ୟ ଉପାୟର ଆଶ୍ରୟ ନ ନେଇ ସମସ୍ତ କାର୍ଯ୍ୟ କରିବା ଉଚିତ ।''

ପରେ ପରେ ମା ପୁଣି କହୁଛନ୍ତି, "Had he reached the point where we are now, he would have seen that the purely psychological method is inadequate and that a japa is necessary, because only japa has a direct action on the body." ଅର୍ଥାତ୍, ''ବର୍ତ୍ତମାନ ଆମ୍ଭେମାନେ ସାଧନାର ଯେଉଁ ଅବସ୍ଥାରେ ପହଞ୍ଚିଛୁ, ସେ (ଶ୍ରୀଅରବିନ୍ଦ) ଯଦି ସେହି ଅବସ୍ଥାରେ ପହଞ୍ଚି ଥାଆନ୍ତେ ତେବେ ସେ ଦେଖି ପାରିଥାଆନ୍ତେ ଯେ କେବଳ ମନସ୍ତାତ୍ତ୍ୱିକ ପଦ୍ଧତି ଅର୍ଥାତ୍ ଅଭୀପ୍‌ସା, ସମର୍ପଣ ପର୍ଯ୍ୟାପ୍ତ ନୁହେଁ । ତା' ସହିତ ଜପ ଆବଶ୍ୟକ; କେବଳ ଜପରହିଁ ଶରୀର ଉପରେ ରହିଛି ସିଧାସଳଖ କ୍ରିୟା ।''

ପୁରାତନ ଯୋଗ ସାଧନାରେ ମଧ୍ୟ ବହୁତ ପ୍ରକାର ସାଧନ ଥାଏ । କିନ୍ତୁ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ତଥା ଭିନ୍ନ ଭିନ୍ନ ସାଧକ କୌଣସି ଗୋଟିଏ ସାଧନାକୁ ପ୍ରାଧାନ୍ୟ ଦିଅନ୍ତି; ଅନ୍ୟ ସାଧନା ଆଚରଣ କରିବା ସତ୍ତ୍ୱେ ସେସବୁକୁ ଗୌଣ ସ୍ଥାନ ଦିଅନ୍ତି ।

ସେହିପରି ଶ୍ରୀଅରବିନ୍ଦ ଜପ ବିଷୟରେ ଯଦ୍ୟପି କହିଅଛନ୍ତି ଏବଂ ମନ୍ତ୍ର ଲେଖିଅଛନ୍ତି ତଥାପି ସେସମୟରେ ଅତିମାନସ ଶକ୍ତି ଅବତରଣ କରି ନ ଥିବାରୁ ଜପରେ ଶରୀର ଉପରେ ପ୍ରଭାବ ପଡ଼ିବା ଶକ୍ତି ଜାଗ୍ରତ ହୋଇ ନ ଥିଲା । ସେହି ସକାଶେ ଶ୍ରୀଅରବିନ୍ଦ ଜପକୁ ପ୍ରଧାନ ସ୍ଥାନ ନ ଦେଇ ସମର୍ପଣ ତଥା ଅଭୀପ୍‌ସାକୁ ପ୍ରଧାନ ସ୍ଥାନ ଦେଇଅଛନ୍ତି । 'The Mother' ବହିରେ ଏହା ସ୍ପଷ୍ଟ ହୋଇଅଛି ।

ଶ୍ରୀଅରବିନ୍ଦ ୧୯୫୦ରେ ଅତିମାନସ ଶକ୍ତିକୁ ଅବତରଣ କରାଇ ଶରୀର ତ୍ୟାଗ କରିବା ପରେ ଶ୍ରୀମା ରୂପାନ୍ତରର ଯେଉଁ ଅବସ୍ଥାରେ ପହଞ୍ଚିଥିଲେ ସେ ଅବସ୍ଥାରେ ଜପକୁ ସାଧନାରେ ଶ୍ରେଷ୍ଠ ସ୍ଥାନ ଦେଲେ । ଶରୀର ରୂପାନ୍ତର ସକାଶେ ଜପ ଅନିବାର୍ଯ୍ୟ ବୋଲି କହିଲେ । ତା'ଛଡ଼ା, ଅନ୍ୟ ସ୍ଥାନରେ ଲେଖାଅଛି ମା ବାଲ୍ୟାବସ୍ଥାରେ ନାମଜପ କରୁଥିଲେ । ଶ୍ରୀମା ସ୍ୱୟଂ କହିଛନ୍ତି ଶ୍ରୀଅରବିନ୍ଦ ଥିବା ସମୟରେ କୌଣସି ବାଧାବିଘ୍ନ ଆସିଲେ ମା ''ଓ ଲର୍ଡ଼'' (O Lord!) ଏହି ନାମ ଜପ କରୁଥିଲେ । ଏହା ଶ୍ରୀଅରବିନ୍ଦଙ୍କୁ ସମ୍ବୋଧନ ହେଉଥିଲା ଏବଂ ଏହି ଜପରେ ଅଳ୍ପ ସମୟ ମଧ୍ୟରେ ସବୁ ବାଧା ଦୂର ହେଉଥିଲା । କିନ୍ତୁ ଶ୍ରୀଅରବିନ୍ଦ ସ୍ଥୂଳ ଶରୀର ତ୍ୟାଗ କରିବା ପରେ ଶ୍ରୀମା ଏହି ନାମଜପ କରିବାରେ ତାଙ୍କୁ ନିଜକୁ ସମ୍ବୋଧନ ହେଲା । ସେ ସକାଶେ ଶ୍ରୀମା ସେ ନାମଜପ ଛାଡ଼ିଦେଲେ ।

ଶ୍ରୀଅରବିନ୍ଦ ନାମଜପ ସମ୍ବନ୍ଧେ ଏତେ ଲେଖିବା ସତ୍ତ୍ୱେ ମା କହିଲେ ଶ୍ରୀଅରବିନ୍ଦ କୌଣସି ମନ୍ତ୍ର ଦେଇ ନାହାନ୍ତି । ଶ୍ରୀମା ସ୍ୱୟଂ ନାମଜପ କରୁଥିବା ସ୍ଥଳେ ଶରୀର ରୂପାନ୍ତର ସମୟରେ ୧୯୬୪ ରେ କହିଲେ, ''ରୂପାନ୍ତରର ସରଳ ପ୍ରଣାଳୀ ମୁଁ ନିଜେ ଆବିଷ୍କାର କଲି, ମୁଁ ନିଜେ ମୋ ମନ୍ତ୍ର ପାଇଲି ।''

ଶ୍ରୀମା'ଙ୍କର କହିବାର ତାତ୍ପର୍ଯ୍ୟ ହୋଇପାରେ, ସେସମୟରେ ଶ୍ରୀଅରବିନ୍ଦ ନାମଜପ ସମ୍ବନ୍ଧେ କହିବା, ଶ୍ରୀମା ନାମଜପ କରିବା ଥିଲା ସାଧନାରେ ସାହାଯ୍ୟ ତଥା ବାଧାବିଘ୍ନରୁ ନିବୃତ୍ତି ସକାଶେ । କିନ୍ତୁ ଶରୀର ରୂପାନ୍ତର ସକାଶେ ଜପ ଅନିବାର୍ଯ୍ୟ ତଥା ଜପର ସିଧାସଳଖ କ୍ରିୟା ଶରୀରରେ ହୁଏ; ବହୁତ ବର୍ଷର ସାଧନା ଅଳ୍ପ ମାସ ମଧ୍ୟରେ ହୋଇପାରେ – ଏହି ରହସ୍ୟ ସେତେବେଳେ ପ୍ରକାଶ ହୋଇ ନ ଥିଲା । ଏହି ରହସ୍ୟ ସ୍ୱୟଂ ମା ଆବିଷ୍କାର କଲେ । ଏହା ପୂର୍ବରୁ ଶରୀର ରୂପାନ୍ତର ଆରମ୍ଭ କେବେ ବି ହୋଇ ନ ଥିଲା । ଏହି ରହସ୍ୟ ଅନ୍ୟମାନେ ଜାଣନ୍ତେ ବା କିପରି, ତା'ର ଆବଶ୍ୟକତା ବା ହୁଅନ୍ତା କାହିଁକି ? ଶରୀର ରୂପାନ୍ତରରେ ସମର୍ପଣ ତଥା ଅଭୀପ୍ସା ଅପେକ୍ଷା ଜପକୁ ପ୍ରଧାନ ସ୍ଥାନ ଦେବା ହେଲା ମା'ଙ୍କର କହିବାର ତାତ୍ପର୍ଯ୍ୟ ।

ପ୍ରଶ୍ନ : ଯଦି ସେସମୟରେ ଜପ ଆବଶ୍ୟକ ନ ଥିଲା ଏବଂ ଶ୍ରୀଅରବିନ୍ଦ ସମର୍ପଣ, ଅଭୀପ୍ସା ତଥା ତ୍ୟାଗକୁ ସାଧନାରେ ପ୍ରଧାନ ସ୍ଥାନ ଦେଲେ ତେବେ ଜପ ବିଷୟ ତାଙ୍କ ଗ୍ରନ୍ଥରେ ଏତେ ସ୍ଥାନରେ ଲେଖିଲେ କାହିଁକି ?

ଉତ୍ତର : ଭବିଷ୍ୟତରେ ଅର୍ଥାତ୍ ଶରୀର ରୂପାନ୍ତର ସମୟରେ ଜପର ପ୍ରାଧାନ୍ୟ ରହିବ ସେ ସକାଶେ ଶ୍ରୀଅରବିନ୍ଦ ଜପ ବିଷୟରେ କହିଅଛନ୍ତି ।

ଭଗବାନଙ୍କ ଅବତାରମାନଙ୍କର ଦ୍ୱୈତ ଚେତନା ଥାଏ । ଭବିଷ୍ୟତର ସମସ୍ତ କର୍ମପନ୍ଥା ସେମାନେ ଭାଗବତ ଚେତନାରେ ରହି ନିର୍ଦ୍ଧାରିତ କରି ଦିଅନ୍ତି । କିନ୍ତୁ ଉପସ୍ଥିତ କର୍ମ ଆଚରଣ କରନ୍ତି ମନୁଷ୍ୟ ଚେତନାରେ ରହି । କେବେ କେବେ ଆବଶ୍ୟକ ହେଲେ ଉପସ୍ଥିତ କର୍ମରେ ବି ଭାଗବତ ଚେତନାରେ ରହି କାର୍ଯ୍ୟ କରନ୍ତି । ଏହା କଦାଚିତ୍ ହୁଏ । ଏହି କାରଣରୁ ଶ୍ରୀଅରବିନ୍ଦ ତାଙ୍କ ସାଧନା କାଳରେ ଜପକୁ ସାଧନାରେ ପ୍ରୟୋଗ ନ କରି ଭବିଷ୍ୟତରେ ଆବଶ୍ୟକ ହେବା ଜାଣି ଜପ ବିଷୟରେ ଲେଖିଅଛନ୍ତି । ଏହା ତାଙ୍କ ଭାଗବତ ଚେତନାର କର୍ମ ।

ଶ୍ରୀରାମ, ଶ୍ରୀକୃଷ୍ଣଙ୍କ ଚରିତ୍ରରୁ ଏହା ସ୍ପଷ୍ଟ ବୁଝାଯାଏ । ଶ୍ରୀରାମ ରାବଣକୁ ବଧ କରିବା ସକାଶେ ବନବାସ ଗମନ, ସୀତାଙ୍କ ହରଣ ହେବା ତାଙ୍କ ଭାଗବତ ଚେତନାରେ ସ୍ପଷ୍ଟ ଥିଲା – ଖରଦୂଷଣଙ୍କ ବଧ ପୂର୍ବରୁ ସେ ସୀତାଙ୍କୁ କହିଥିଲେ, ''ତହୁ ପାଓ୍ୱକ ମହୁଁ କରହୁ ନିଓ୍ୱାସା । ଜୌଲାଗି କରୌଁ ନିସାଚରନାସା ॥ (ଶ୍ରୀରାମଚରିତମାନସ, ଅରଣ୍ୟକାଣ୍ଡ)'' ''ଯେପର୍ଯ୍ୟନ୍ତ ମୁଁ ନିଶାଚରଙ୍କୁ ସଂହାର ନ କରିଛି ସେପର୍ଯ୍ୟନ୍ତ ତୁମେ ଅନଳ ମଧ୍ୟରେ ବାସ କର ।'' ସୀତାଦେବୀ ତାଙ୍କ ସଦୃଶ ମାୟାସୀତାଙ୍କୁ ରଖି ଅନଳ ମଧ୍ୟରେ ପ୍ରବେଶ କରିଥିଲେ । ସେହି ସକାଶେ ରାବଣ ବଧ ପରେ ଶ୍ରୀରାମଙ୍କ ସନ୍ଦେହ ଦୂର କରିବାକୁ ଅନଳ ମଧ୍ୟରେ ମାୟାସୀତା ପ୍ରବେଶ କଲେ, ଯଥାର୍ଥ ସୀତା ଅଗ୍ନି ମଧ୍ୟରୁ ବାହାରି ଆସିଥିଲେ । ମାରୀଚ ରାକ୍ଷସ ମୃଗରୂପେ ଆସିବା ସମୟରେ ବାଲ୍ମୀକି ରାମାୟଣରେ ଲକ୍ଷ୍ମଣ ସ୍ପଷ୍ଟରୂପେ କହିଥିଲେ, ''ହେ ମାୟାମୃଗ ମାରୀଚ ରାକ୍ଷସ'', ଏହା ଶୁଣିବା ସତ୍ତ୍ୱେ ଶ୍ରୀରାମ ଲକ୍ଷ୍ମଣଙ୍କ କଥାକୁ କୌଣସି ଗୁରୁତ୍ୱ ନ ଦେଇ ମୃଗ ବଧ କରିବାକୁ ଗଲେ । ରାମଚନ୍ଦ୍ର ସୁବଳୟ ପର୍ବତରୁ ବାଣ ମାରି ଲଙ୍କାରେ ଥିବା ରାବଣର ଛତ୍ର ଏବଂ ମୁକୁଟ କାଟି ପକାଇଥିଲେ । ସେହି ମୃଗକୁ ମାରିବାକୁ ଚାହିଁଥିଲେ, ସେ ଯେତେ ଦୂରରେ ଥାଉ ବି, ଗୋଟିଏ ବାଣରେ ମାରିପାରି ଥାଆନ୍ତେ । କିନ୍ତୁ ତା' ପଛେ ପଛେ ଦୌଡ଼ି ଦୂରକୁ ଚାଲିଗଲେ ଏବଂ ସୀତାଙ୍କ ସନ୍ଧାନ ଗଛପତ୍ର, ପଶୁପକ୍ଷୀଙ୍କୁ ପଚାରୁଥିଲେ । ଅବତାରମାନେ ମନୁଷ୍ୟର ପ୍ରତିନିଧି ହୋଇ ଆଦର୍ଶ ପ୍ରତିଷ୍ଠା କରୁଥିବାରୁ ସବୁ ସମୟରେ ଭଗବତ୍ ଚେତନାରେ ନ ରହି ମନୁଷ୍ୟ ଚେତନାରେ ରହି ମନୁଷ୍ୟ ସଦୃଶ ବ୍ୟବହାର କରନ୍ତି । ଏହି କାରଣରୁ ଶ୍ରୀଅରବିନ୍ଦ ସେସମୟରେ ଜପକୁ ସାଧନାରେ ଶ୍ରେଷ୍ଠ ସ୍ଥାନ ଦେଇ ନାହାନ୍ତି । ସେସମୟରେ ଅତିମାନସ ଶକ୍ତି ପୃଥିବୀରେ ଅବତରଣ କରି ନ ଥିଲା, ସେସକାଶେ ନାମରେ ଥିବା ଯେଉଁ ଶକ୍ତି ଶାରୀର-ଚେତନାକୁ ଜାଗ୍ରତ କରାଏ, ଶରୀରରେ ପ୍ରକାଶ ଦିଏ, ଶରୀରର କୋଷକୁ ଅଭୀପ୍ସା କରିବା ସକାଶେ ପ୍ରସ୍ତୁତ କରାଏ, ସେ ଶକ୍ତି ପ୍ରକାଶ ହୋଇ ନ ଥିଲା । ଅତିମାନସ ଶକ୍ତି ଅବତରଣ କରିବା ଯୋଗୁଁ ଜପରେ ଥିବା ଏହି ଅପ୍ରକାଶ୍ୟ ଶକ୍ତି ପ୍ରକାଶ ହେଲା । ୧୯୫୦ରେ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ପୃଥିବୀରେ ଅବତରଣ କରାଇ ଶରୀରତ୍ୟାଗ କରିଥିଲେ ।

ଶ୍ରୀମା ନିଜ ଶରୀରରେ ଅତିମାନସ ଶକ୍ତିକୁ ଧାରଣ କରି ଶରୀର ରୂପାନ୍ତର କାର୍ଯ୍ୟ କଲେ ଏବଂ ଶରୀର

ରୂପାନ୍ତରର ସେହି ଅବସ୍ଥାରେ ପହଞ୍ଚିଲେ ଯେଉଁ ଅବସ୍ଥାରେ ଜପ ଏକାନ୍ତ ଆବଶ୍ୟକ ବୋଲି ଅନୁଭବ କଲେ ଏବଂ ଦଶ ବର୍ଷର ସାଧନା ନାମଜପରେ ଅଳ୍ପ ମାସ ମଧ୍ୟରେ କରିପାରିଥିଲେ ।

ପ୍ରଶ୍ନ : ଏହା ବି ବୁଝିବାରେ ଅସୁବିଧା ହେଉଛି – ଶ୍ରୀମା ସାଧନାର ଯେଉଁ ଅବସ୍ଥାରେ ପହଞ୍ଚିଥିଲେ ଶ୍ରୀଅରବିନ୍ଦ ସେ ଅବସ୍ଥାରେ ପହଞ୍ଚି ନ ଥିଲେ ?

ଉତ୍ତର : ଶ୍ରୀଅରବିନ୍ଦ ରୂପାନ୍ତରର ସେହି ଅବସ୍ଥାରେ ପହଞ୍ଚି ନ ଥିଲେ ଶ୍ରୀମା ଯେଉଁ ଅବସ୍ଥାରେ ପହଞ୍ଚିଥିଲେ । ସେସମୟରେ ଅତିମାନସ ଶକ୍ତି ପୃଥିବୀପୃଷ୍ଠକୁ ଅବତରଣ କରି ନ ଥିଲା କିଂବା ଶରୀର ରୂପାନ୍ତର କାର୍ଯ୍ୟ କରୁ ନ ଥିଲା । ଅତିମାନସ ଶକ୍ତି ଛଡ଼ା ଶରୀର ରୂପାନ୍ତର ସମ୍ଭବ ନ ଥିଲା । ଶ୍ରୀଅରବିନ୍ଦ ଅତିମାନସ ଅବତରଣ କରାଇ ନିଜ ଶରୀର ତ୍ୟାଗ କରିବା ପରେ ଅତିମାନସ ଶକ୍ତି ମା'ଙ୍କ ଦ୍ୱାରା ଶରୀର ରୂପାନ୍ତର କାର୍ଯ୍ୟ ଆରମ୍ଭ କଲା । ଶ୍ରୀଅରବିନ୍ଦ ଦେଖିଲେ ଯେ ଅତିମାନସ ଶକ୍ତିକୁ ଧାରଣ କରିବା ସକାଶେ ଲୋକମାନଙ୍କ ଆଧାର ପ୍ରସ୍ତୁତ ହୋଇ ନାହିଁ । ଅତିମାନସ ଶକ୍ତିର ଅବତରଣ ସକାଶେ ସମଗ୍ର ପୃଥିବୀ ଅସମର୍ଥ ରହିଛି; ଯେପରି ଗଙ୍ଗାଙ୍କ ପ୍ରବେଗ ଧାରଣ କରିବା ସକାଶେ ପୃଥିବୀ ଅସମର୍ଥ ଥିଲା । ଗଙ୍ଗାଙ୍କ ପ୍ରବେଗକୁ ପ୍ରଥମେ ଶଙ୍କର ଧାରଣ କରିବା ସଦୃଶ ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ନିଜ ଶରୀରରେ ଅବତରଣ କରାଇ ଶରୀର ତ୍ୟାଗ କଲେ । ସେହି ଅତିମାନସ ଶକ୍ତିକୁ ମା ଧାରଣ କରି ଶରୀର ରୂପାନ୍ତର କାର୍ଯ୍ୟ କଲେ । ଶ୍ରୀଅରବିନ୍ଦ ସ୍ଥୂଳ ଶରୀର ତ୍ୟାଗ କରି ସୂକ୍ଷ୍ମ ଶରୀରରେ ରହି ମା'ଙ୍କ ରୂପାନ୍ତର କାର୍ଯ୍ୟରେ ସାହାଯ୍ୟ କଲେ । ଏହି କାରଣରୁ ଅତିମାନସ ଶକ୍ତି ଦ୍ୱାରା ଶରୀର ରୂପାନ୍ତରର ଯେଉଁ ଅବସ୍ଥାକୁ ମା ପହଞ୍ଚିଥିଲେ ସେ ଅବସ୍ଥାକୁ ଶ୍ରୀଅରବିନ୍ଦ ପହଞ୍ଚି ନ ଥିଲେ ।

ଶ୍ରୀଅରବିନ୍ଦ-ଶ୍ରୀମା ଭଗବାନ୍ ସଚ୍ଚିଦାନନ୍ଦଙ୍କ ଅବତାର । ଅବତାର ମନୁଷ୍ୟ ଶରୀର ଧାରଣ କରି ମନୁଷ୍ୟର ପ୍ରତିନିଧି ହୋଇ ମନୁଷ୍ୟକୁ ମାର୍ଗ ଦେଖାଇବା କାର୍ଯ୍ୟ କରନ୍ତି । ଅବତାର ସମସ୍ତ କାର୍ଯ୍ୟ ଭଗବତ୍ ଐଶ୍ୱର୍ଯ୍ୟରେ କରନ୍ତି ନାହିଁ ।

ଲଙ୍କାଯୁଦ୍ଧରେ ଶ୍ରୀରାମ ନାଗପାଶରେ ବନ୍ଦୀ ହେବା ସମୟରେ ଗରୁଡ଼ ଆସି ତାଙ୍କୁ ମୁକ୍ତ କରିଥିଲେ । ଲକ୍ଷ୍ମଣଙ୍କ ଶକ୍ତିଭେଦ ସମୟରେ ହନୁମାନ ହିମାଳୟ ଯାଇ ମୃତ୍ୟୁସଞ୍ଜୀବନୀ ବିଶଲ୍ୟକରଣୀ ଔଷଧ ଆଣିବାରୁ ଲକ୍ଷ୍ମଣ ବଞ୍ଚିଥିଲେ । ଶ୍ରୀକୃଷ୍ଣ ଜରାସନ୍ଧ ଯୁଦ୍ଧରେ ହାରି କୋଡ଼ିଏ ଥର ଯୁଦ୍ଧ ଛାଡ଼ି ପଳାଇଥିଲେ; ଶେଷରେ ଭୀମଙ୍କ ଦ୍ୱାରା ଜରାସନ୍ଧକୁ ବଧ କରାଇଥିଲେ । ମନୁଷ୍ୟର ପ୍ରତିନିଧିରୂପେ ଭଗବାନ୍ ଆସିଥାଆନ୍ତି । ସେହି ସକାଶେ ତାଙ୍କର ଆଦର୍ଶ ସ୍ଥାପନାର ପ୍ରଧାନ କାର୍ଯ୍ୟରେ ଐଶ୍ୱର୍ଯ୍ୟ ପ୍ରୟୋଗ କରନ୍ତି ନାହିଁ । କିନ୍ତୁ ତାଙ୍କର ସମସ୍ତ ଭଗବତ୍ ଐଶ୍ୱର୍ଯ୍ୟ ଓ ଶକ୍ତି ବିଦ୍ୟମାନ ଥାଏ ।

ଶ୍ରୀଅରବିନ୍ଦ ମନୁଷ୍ୟଜାତିର ପ୍ରତିନିଧି ହୋଇ ଅବତାର ନେଇଥିବାରୁ ଭବିଷ୍ୟତ ଶରୀର ରୂପାନ୍ତର ସକାଶେ ନାମଜପର ବିଶେଷତ୍ୱ ଉପରେ ଜୋର୍ ଦେଇ ନ ଥିଲେ । ଶରୀର ରୂପାନ୍ତରର ଯେଉଁ ଅବସ୍ଥାରେ ଶ୍ରୀମା ପହଞ୍ଚିଲେ ସେ ଅବସ୍ଥାରେ କେବଳ ସମର୍ପଣ ଏବଂ ଅଭୀପ୍ସା ପର୍ଯ୍ୟାପ୍ତ ନୁହେଁ; ଶରୀରର ରୂପାନ୍ତର ସକାଶେ ଜପ ଅନିବାର୍ଯ୍ୟ ବୋଲି ମା' ଦେଖି ପାରିଲେ । ମା' କହିଲେ, ସେ ଜପ ଦ୍ୱାରା ଦଶ ବର୍ଷର ସାଧନା ଅଳ୍ପ କେଇ ମାସ ମଧ୍ୟରେ କରିଥିଲେ । (I have done ten years of work in a few months.)

ପ୍ରଶ୍ନ : ମା ବହୁତ ମନ୍ତ୍ର ଜପ କରିଛନ୍ତି ଏବଂ ସେ ବିଷୟରେ କହିଛନ୍ତି । ତେବେ ଆମେ କେଉଁ ମନ୍ତ୍ର ଜପ କରିବା ?

ଉତ୍ତର : ଆମେ ଜପ କରିବା 'ମା'– ଏହି ନାମ । ଏହି ଗୋଟିଏ ଅକ୍ଷର 'ମା' ନାମହିଁ ମନ୍ତ୍ର । ଏହି ରୂପାନ୍ତର ଯୋଗରେ ''ମା ନାମ ଅଥବା ମୋ ନାମ ସହିତ ମା'ଙ୍କ ନାମ'' ମନ୍ତ୍ର ବୋଲି ଶ୍ରୀଅରବିନ୍ଦ କହିଅଛନ୍ତି ।

ମା ସ୍ୱୟଂ ବହୁ ମନ୍ତ୍ର ଭିନ୍ନ ଭିନ୍ନ ସମୟରେ ଜପ କରି ଅଛନ୍ତି । ଆଶ୍ରମର ସାଧକ ସାଧିକା ତଥା ଯେକେହି ବ୍ୟକ୍ତି ସମାଧି ପାଖକୁ ସେସମୟରେ ଆସୁଥିଲେ ସେମାନେ ମା'ଙ୍କ ମନ୍ତ୍ରଜପ ଶୁଣି ପାରୁଥିଲେ । ମା ବହୁତ ଉଚ୍ଚ ସ୍ୱରରେ ଜପ କରୁଥିଲେ – ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ । ପୁରାତନ ଯୋଗ ସଂପ୍ରଦାୟରେ ମଧ୍ୟ ବହୁତ ମନ୍ତ୍ର ଥାଏ କିନ୍ତୁ ଜପ

କରାହୁଏ ନାମ । ଯେପରି ଶ୍ରୀରାମ ମନ୍ତ୍ର, ଶ୍ରୀକୃଷ୍ଣ ମନ୍ତ୍ର ବହୁତ ପ୍ରକାର ଅଛି । ମନ୍ତ୍ର ଅଳ୍ପ ସମୟ ଜପ କରାହୁଏ କିନ୍ତୁ ନାମ ସବୁ ସମୟରେ ଜପ କରାହୁଏ । ମା କେହି କେହି ସାଧକଙ୍କୁ 'ମା'– ଏହି ନାମ ଜପ କରିବାକୁ କହିଛନ୍ତି, ଅନ୍ୟ କେତେକଙ୍କୁ 'ଓଁ ନମୋ ଭଗବତେ', ଏହି ମନ୍ତ୍ର ଜପ କରିବାକୁ କହିଛନ୍ତି ଏବଂ ସ୍ୱୟଂ ଏହି ମନ୍ତ୍ରକୁ ଅଧିକ ସମୟ ଜପ କରିଅଛନ୍ତି ।

ରୂପାନ୍ତର ହୁଏ ଅତିମାନସ ଶକ୍ତି ଦ୍ୱାରା । ଅତିମାନସ ଶକ୍ତି ଏବଂ ମା ଏକ ତତ୍ତ୍ୱ । କାରଣ ମା'ଙ୍କୁ ସମର୍ପଣ କଲେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରନ୍ତି । Letters on Yoga ଏବଂ ଅନ୍ୟାନ୍ୟ ବହୁ ଗ୍ରନ୍ଥରେ ମା'ଙ୍କୁ ସମର୍ପଣ କରିବା ସକାଶେ ଶ୍ରୀଅରବିନ୍ଦ କହିଛନ୍ତି । ମା (The Mother) ବହିରେ ସ୍ଥାନେ ସ୍ଥାନେ, ଏମିତି ବହୁ ସ୍ଥାନରେ କେବଳ ମା'ଙ୍କୁ ସମର୍ପଣ କରିବା ସକାଶେ ଶ୍ରୀଅରବିନ୍ଦ ମୁକ୍ତ କଣ୍ଠରେ ଘୋଷଣା କରିଅଛନ୍ତି । ଭଗବାନଙ୍କ କ୍ରିୟାତ୍ମିକା ଶକ୍ତି ହେଉଛନ୍ତି ମା । ମାତୃଶକ୍ତି ଏବଂ ଭଗବାନ୍ ତତ୍ତ୍ୱତଃ ଏକ ଓ ଅଭିନ୍ନ । ମା'ଙ୍କୁ ସମର୍ପଣ କଲେ ତାହା ଭଗବାନଙ୍କୁ ପ୍ରାପ୍ତ ହୁଏ । କ୍ରିୟାତ୍ମିକା ଶକ୍ତି ମା ହୋଇଥିବାରୁ ତାଙ୍କୁହିଁ ସମର୍ପଣ କରିବା ସକାଶେ ଶ୍ରୀଅରବିନ୍ଦ ବାର ବାର କହିଅଛନ୍ତି । ଅତଏବ ତାଙ୍କରି ନାମ ଏହି ଯୋଗର ମନ୍ତ୍ର ହୋଇଥିବାରୁ ତାଙ୍କରି ନାମ ଜପ କରିବା ଉଚିତ ।

ଶ୍ରୀମା ବହୁତ ମନ୍ତ୍ର ଜପ କରିଅଛନ୍ତି ଏବଂ ଲେଖା ମଧ୍ୟ ଅଛି । କୌଣସି ସାଧକ ମା'ଙ୍କ ଦ୍ୱାରା ଲିଖିତ କୌଣସି ଏକ ମନ୍ତ୍ର ଜପ କରିପାରନ୍ତି । ସମସ୍ତ ମନ୍ତ୍ରର ପ୍ରଭାବ ଶରୀର ଉପରେ ପଡ଼େ । କିନ୍ତୁ 'ମା'– ଏହି ନାମ ଗୋଟିଏ ଅକ୍ଷର ହୋଇଥିବାରୁ ଜପ କରିବାରେ ବହୁତ ସହଜ ହୁଏ । ଏପରିକି ମାତୃଶକ୍ତି ସାଧକ ଶରୀରରେ ରୂପାନ୍ତର କ୍ରିୟା କରିବା ସମୟରେ ଜିହ୍ୱା ଓ ଓଷ୍ଠ କ୍ରିୟାଶୀଳ ନ ହୋଇ ମାତୃଶକ୍ତିର କ୍ରିୟା ସ୍ଥାନରେ 'ମା' ନାମ ଆବୃତ୍ତି କରିବାରେ ବହୁତ ସହଜ ହୁଏ ।

ମାଆ ତ ନିଜ ନାମ ଜପ କରିବେ ନାହିଁ, ସେ ସକାଶେ ସେ ଭଗବାନଙ୍କ ନାମଜପ କରନ୍ତି । ଆମ ସକାଶେ ସେ ବନ୍ଧନ ନାହିଁ । ଆମ ସକାଶେ ମା'ଙ୍କ ନାମଜପ କରିବା ଠିକ୍ । ଶ୍ରୀମା, ଭଗବାନ୍ ଶ୍ରୀଅରବିନ୍ଦଙ୍କର କ୍ରିୟାତ୍ମିକା ଶକ୍ତି ହୋଇଥିବାରୁ ମନ-ପ୍ରାଣ-ଶରୀର ରୂପାନ୍ତର ସକାଶେ ତାଙ୍କୁ ଆମେ ସମର୍ପଣ କରୁ ଏବଂ ତାଙ୍କରି ନାମଜପ ଆମମାନଙ୍କ ସକାଶେ ଶାସ୍ତ୍ରସମ୍ମତ, ଯୁକ୍ତିଯୁକ୍ତ ଏବଂ ସଦ୍ୟ ଫଳପ୍ରସୂ ।

ପ୍ରଶ୍ନ : 'The Mother' ବହିରେ ଯେଉଁ ଭାଗବତୀ ଶକ୍ତିଙ୍କୁ ସମର୍ପଣ କରିବାକୁ କୁହା ହୋଇଛି ସେହି ଭାଗବତୀ ଶକ୍ତିଙ୍କ ଅବତାର କ'ଣ ଆଶ୍ରମର ଏହି ମା ? – ଜନୈକ ସାଧକର ଏହି ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ କହିଥିଲେ, 'ହଁ ।' ଏତଦ୍ ବ୍ୟତୀତ ଶ୍ରୀଅରବିନ୍ଦ ଏହି ଆଶ୍ରମର ମା'ଙ୍କୁ ଆଦ୍ୟା ଭାଗବତୀ ଶକ୍ତି ବୋଲି କହିଅଛନ୍ତି । ଶ୍ରୀଅରବିନ୍ଦଙ୍କ କହିବା ନିରାଟ ସତ୍ୟ । ତେବେ ମା ଭାଗବତୀ ଶକ୍ତିଙ୍କ ଅବତାର ହୋଇ ରୂପାନ୍ତର ସକାଶେ ନାମଜପ ଅନିବାର୍ଯ୍ୟ ବୋଲି ପୂର୍ବରୁ କିପରି ଜାଣିପାରିଲେ ନାହିଁ ? ଶରୀର ରୂପାନ୍ତର ବହୁତ ଅଗ୍ରସର ହେବା ପରେ ଜାଣିପାରିଲେ । ଏହା ବୁଝିବାରେ ବହୁତ ଅସୁବିଧା ହେଉଅଛି ।

ଉତ୍ତର : ଆମେ ତ ମନୁଷ୍ୟ, ଆମକୁ ବୁଝିବାରେ ତ ଅସୁବିଧା ହେବା ସ୍ୱାଭାବିକ । କିନ୍ତୁ ସ୍ୱୟଂ ପାର୍ବତୀଙ୍କୁ ବି ବୁଝିବାରେ ଅସୁବିଧା ହୋଇଥିଲା । ସୀତାଙ୍କ ବିୟୋଗରେ ଶ୍ରୀରାମ ଶୋକରେ ବିହ୍ୱଳ ହୋଇ ଯେତେବେଳେ ସୀତାଙ୍କ ସନ୍ଧାନ ଗଛଲତା ପଶୁପକ୍ଷୀଙ୍କୁ ପଚାରି ବୁଲୁଥିଲେ, ସେହି ସମୟରେ ଶିବ ପାର୍ବତୀ ଶ୍ରୀରାମଙ୍କୁ ଦେଖିଲେ । ଶଙ୍କର ବୃଷଭରୁ ଓହ୍ଲାଇ 'ଜୟ ସଚ୍ଚିଦାନନ୍ଦ ଜଗଦୀଶ' କହି ପ୍ରଣାମ କଲେ । ଏଥିରେ ପାର୍ବତୀଙ୍କୁ ବହୁତ ସନ୍ଦେହ ହେଲା । ସେ ଭାବିଲେ, ''ଶଙ୍କରଙ୍କ କଥା ସର୍ବଦା ସତ୍ୟ ଓ ଯଥାର୍ଥ । କିନ୍ତୁ ରାମ ଯଦି ସଚ୍ଚିଦାନନ୍ଦଙ୍କ ଅବତାର ହୋଇଥା'ନ୍ତେ ତେବେ ସାଧାରଣ ବିଷୟୀ ବ୍ୟକ୍ତି ସଦୃଶ ଶୋକରେ ଜ୍ଞାନଶୂନ୍ୟ ହୋଇ ଗଛଲତା, ପଶୁପକ୍ଷୀଙ୍କୁ ସୀତାଙ୍କ ସନ୍ଧାନ ପଚାରନ୍ତେ କିପରି ?'' ଏହି ମୋହ ହେବାରୁ ଶଙ୍କରଙ୍କୁ ପାର୍ବତୀ ପ୍ରଶ୍ନ କଲେ । ଶଙ୍କର ଉତ୍ତରରେ କହିଲେ, ''ତୁମେ ଯାଇ ପରୀକ୍ଷା କର ।'' ପାର୍ବତୀ ସୀତାଙ୍କ ରୂପ ଧାରଣ କରି ଶ୍ରୀରାମଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ପାର୍ବତୀଙ୍କୁ ସୀତାଙ୍କ ରୂପରେ ଦେଖି ଶ୍ରୀରାମ ପ୍ରଣାମ କରି କହିଲେ, ''ଶଙ୍କର ତ ନାହାନ୍ତି, ତୁମେ ଏକା ଆସିଲ କିପରି ?''

ଭଗବାନଙ୍କ ଅବତାରଙ୍କର ଭାଗବତ ଚେତନା ଏବଂ ଶକ୍ତି ତଥା ମାନୁଷୀ ଚେତନା ଉଭୟ ଥାଏ । ସେ ମନୁଷ୍ୟର ପ୍ରତିନିଧି ହୋଇଥିବାରୁ ମନୁଷ୍ୟ ଚେତନାରେ ରହି କାର୍ଯ୍ୟ କରନ୍ତି । ଚାହିଁବା ମାତ୍ରେ ଭଗବତ୍ ଚେତନାରେ କାର୍ଯ୍ୟ କରିପାରନ୍ତି । ଶ୍ରୀଅରବିନ୍ଦଙ୍କ ସକାଶେ ମଧ୍ୟ ଏହିପରି ଉଦାହରଣ ଦିଆହୋଇଛି । ବହୁତ ଅନିବାର୍ଯ୍ୟ ନ ହେଲେ ଅବତାରମାନେ ଐଶ୍ୱର୍ଯ୍ୟ ପ୍ରୟୋଗ କରନ୍ତି ନାହିଁ । ଠିକ୍ ମନୁଷ୍ୟ ସଦୃଶ ବ୍ୟବହାର କରନ୍ତି ଯେପରି ତାଙ୍କ ଭଗବତ୍ତାକୁ ମନୁଷ୍ୟ ବୁଝି ନ ପାରେ । କାରଣ ସେ ମନୁଷ୍ୟ ଚେତନାରେ ରହି କର୍ମ କଲେ ତାଙ୍କ ଆଦର୍ଶକୁ ମନୁଷ୍ୟ ଗ୍ରହଣ କରିପାରିବ । ସେହି ସକାଶେ ମନୁଷ୍ୟ ସଦୃଶ ଶ୍ରୀମାଶ୍ରୀଅରବିନ୍ଦ ସାଧନା କରିଛନ୍ତି, ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି । ପ୍ରଥମ ସାଧନାରେ ଜପର ବିଶେଷ ଆବଶ୍ୟକତା ନ ଥିଲା । ଶରୀର ରୂପାନ୍ତର ସମୟରେ ଜପ ଆବଶ୍ୟକ ହେବାରୁ ଶ୍ରୀମା ନିଜେ ଉପଲବ୍ଧି କରିଥିବା କଥା ଲେଖିଛନ୍ତି ।

ମହାଭାରତ ଯୁଦ୍ଧ ସମୟରେ ଯେବେ ଯେବେ ଭବିଷ୍ୟ ଜାଣିବାକୁ କିଂବା କୌଣସି ଗୁପ୍ତ ବସ୍ତୁ ଜାଣିବାକୁ ଆବଶ୍ୟକ ହେଉଥିଲା ଶ୍ରୀକୃଷ୍ଣ ସହଦେବଙ୍କୁ ପଚାରୁଥିଲେ । ଅବତାରଙ୍କ ଚରିତ୍ର ବୁଦ୍ଧିରେ ବୁଝିବା ବହୁତ କଠିନ ।

ପ୍ରଶ୍ନ : ପୁରାତନ ସମସ୍ତ ଯୋଗରେ ନାମଜପ ହେଉଥିଲା; କିନ୍ତୁ କାହାରି ଶରୀର ରୂପାନ୍ତର ହୋଇ ନ ଥିଲା । ଏହି ରୂପାନ୍ତର ଯୋଗରେ ଜପ ଅନିବାର୍ଯ୍ୟ ବୋଲି ମା'ଙ୍କର କହିବାର ରହସ୍ୟ କ'ଣ ? ବୁଝାଇ ଦିଅନ୍ତୁ ।

ଉତ୍ତର : ପୁରାତନ ସମସ୍ତ ଯୋଗରେ ରୂପାନ୍ତର ଲକ୍ଷ୍ୟ ଗ୍ରହଣ କରାଯାଇ ନ ଥିଲା ତଥା ସମୟ ଆସି ନ ଥିଲା ଏବଂ ରୂପାନ୍ତରକାରିଣୀ ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ହୋଇ ନ ଥିଲା କିଂବା ଭଗବତ୍ ନାମରେ ଥିବା ଶରୀର ରୂପାନ୍ତର ହେବାର ପ୍ରଭାବ ପ୍ରକାଶ ହୋଇ ନ ଥିଲା । ରୂପାନ୍ତର ଲକ୍ଷ୍ୟ ସିଦ୍ଧି ସକାଶେ ମଧ୍ୟ ନାମଜପ କରାଯାଉ ନ ଥିଲା । ମନ-ପ୍ରାଣ-ଶରୀର ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତର, ରୂପାନ୍ତରିତ ବ୍ୟକ୍ତି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ସଂପୂର୍ଣ୍ଣ ମୁକ୍ତ – ଏହି ଲକ୍ଷ୍ୟ ସମ୍ବନ୍ଧେ କେହି ସଚେତ ନ ଥିଲେ । ସମୟ ଆସି ନ ଥିବାରୁ ଏହି ଲକ୍ଷ୍ୟପ୍ରାପ୍ତି ସକାଶେ କୌଣସି ଅବତାର ବା ମହାପୁରୁଷ ଆସି ନ ଥିଲେ । ସେମାନେ ଆସିଥିଲେ କେବଳ ରୂପାନ୍ତର ଲକ୍ଷ୍ୟରେ ପହଞ୍ଚିବା ସକାଶେ କ୍ରମବିବର୍ତ୍ତନକୁ ତ୍ୱରାନ୍ୱିତ କରିଦେବା ପାଇଁ । ତାହା ସେମାନଙ୍କ ଦ୍ୱାରା ହୋଇଛି । ସମୟ ଆସିବାରୁ ଶରୀର ରୂପାନ୍ତର ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠକୁ ଆସି ଅତିମାନସ ଶକ୍ତିକୁ ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଅତିମାନସ ଶକ୍ତି ପୃଥିବୀରେ ପ୍ରତିଷ୍ଠା ହେବାରୁ ନାମଜପର ପ୍ରଭାବ ସିଧାସଳଖ ଶରୀରରେ କ୍ରିୟା କରୁଅଛି । ଏବଂ ଏହାକୁ ଶ୍ରୀମା ସ୍ୱୟଂ ଉପଲବ୍ଧି କରିଅଛନ୍ତି । ଆଉ ଏହି ଜପ ଦ୍ୱାରାହିଁ କଠିନ ଶରୀର ରୂପାନ୍ତର କାର୍ଯ୍ୟ ସହଜ ହୋଇପାରିଛି । ଅତଏବ ଆମ୍ଭେମାନେ ଏହି ଲକ୍ଷ୍ୟ ଗ୍ରହଣ କରି ସମର୍ପଣ ଭାବରେ 'ମା'– ଏହି ନାମ ନିରନ୍ତର ଜପ କଲେ ଅପେକ୍ଷାକୃତ ସହଜରେ ରୂପାନ୍ତର ଲକ୍ଷ୍ୟ ସିଦ୍ଧ କରିପାରିବା ଏବଂ ବାଧାବିଘ୍ନରୁ ମଧ୍ୟ ରକ୍ଷା ପାଇପାରିବା ।

ପ୍ରଶ୍ନ : ଶ୍ରୀମା କହିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତି ନିଜ ଅନ୍ତର ପ୍ରେରଣାରୁ ମନ୍ତ୍ର ପାଇବେ ଅଥବା ଯେଉଁ ମନ୍ତ୍ର ସ୍ୱତଃସ୍ଫୂର୍ତ୍ତଭାବେ ଶୁଣିବେ ସେହି ମନ୍ତ୍ର ସେମାନଙ୍କ ସକାଶେ ଠିକ୍ ହେବ । ତେବେ ସାଧାରଣ ବ୍ୟକ୍ତି ପକ୍ଷେ ଏହା ସମ୍ଭବ ନୁହେଁ । ଅତଏବ କେଉଁ ନାମ ଜପ କରିବା ଉଚିତ ?

ଉତ୍ତର : ଶ୍ରୀମା ଶ୍ରୀଅରବିନ୍ଦ ଯେଉଁ ମନ୍ତ୍ର, ଯେଉଁ ନାମ ଦେଇଛନ୍ତି ସେହି ମନ୍ତ୍ର, ସେହି ନାମ ଜପ କରିବା ଉଚିତ । ଶ୍ରୀଅରବିନ୍ଦ କହିଛନ୍ତି, ''ଏହି ଯୋଗର ମନ୍ତ୍ର ମା'ଙ୍କ ନାମ ଅଥବା ମୋ ନାମ ସହିତ ମା'ଙ୍କ ନାମ ।'' ଏବଂ ଅନ୍ୟତ୍ର କହିଛନ୍ତି, ''ଓଁ ଆନନ୍ଦମୟି ଚୈତନ୍ୟମୟି ସତ୍ୟମୟି ପରମେ ।'' ଶ୍ରୀମା କହିଛନ୍ତି, ''ଶ୍ରୀଅରବିନ୍ଦଃ ଶରଣଂ ମମ'', ''ଓଁ ନମୋ ଭଗବତେ'', 'ଓଁ', ''ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ'', ''ନମାମି ଶ୍ରୀମାତୃମୀରାରବିନ୍ଦୌ'', 'ଶ୍ରୀମାତୃମୀରାରବିନ୍ଦୌ ଶରଣଂ ମମ', 'ବିଜୟେତାଂ ଶ୍ରୀମାତୃମୀରାରବିନ୍ଦୌ' । ଏହିସବୁ ନାମ ଓ ମନ୍ତ୍ର ମଧ୍ୟରୁ ସାଧକଙ୍କୁ ଯେଉଁଥିରେ ସ୍ୱତଃପ୍ରବୃତ୍ତି ହେବ ସେହି ନାମ, ସେହି ମନ୍ତ୍ର ଜପ କରିବେ । ସମସ୍ତ ମନ୍ତ୍ର, ସମସ୍ତ ନାମର ଅସାଧାରଣ ଶକ୍ତି ଏବଂ ପ୍ରଭାବ ରହିଛି । ଯେଉଁ ନାମ, ଯେଉଁ ମନ୍ତ୍ର ଜପ କରିବେ ତା'ର ପ୍ରଭାବ ଶରୀର ଉପରେ ପଡ଼ିବ । କିନ୍ତୁ ଏହି ଯୋଗରେ ମା'ଙ୍କୁ ସମର୍ପଣ କରାହେଉ ଥିବାରୁ ତଥା ଗୋଟିଏ ଅକ୍ଷର ହୋଇଥିବାରୁ 'ମା' ନାମଜପ ସହଜ ।

ଅଥବା ନିୟମିତରୂପେ କିଛି ସମୟ 'ଓଁ ନମୋ ଭଗବତେ', କିଛି ସମୟ 'ଶ୍ରୀଅରବିନ୍ଦଃ ଶରଣଂ ମମ' ଜପ କରି ଅନ୍ୟ ସମସ୍ତ ସମୟରେ 'ମା'– ଏହି ନାମଜପ କରିପାରନ୍ତି । ଅଥବା ନିଜ ଅନ୍ତରରୁ ଯେଉଁ ନାମ ଆସିବ ସେ ନାମଜପ କରିପାରନ୍ତି ।

## (୨)

## ବାଧାବିଘ୍ନ

ସଂସାରର ସମସ୍ତ ବ୍ୟକ୍ତି ସୁଖ ଶାନ୍ତି ଚାହାନ୍ତି । କିନ୍ତୁ ସେମାନଙ୍କ ମଧ୍ୟରେ କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ, ହତାଶା, ନିରାଶା, ହିଂସା, ଦ୍ୱେଷାଦି ରିପୁଗଣ ଥିବାରୁ ସେମାନେ ଚାହୁଁଥିବା ସୁଖଶାନ୍ତି ପାଇପାରନ୍ତି ନାହିଁ । ଏହି ରିପୁଗଣ ହେଉଛନ୍ତି ଭଗବତ୍ ପ୍ରାପ୍ତିର ମହାନ୍ ଶତ୍ରୁ । ଏମାନଙ୍କ ମଧ୍ୟରେ କାମ, କ୍ରୋଧ, ଅହଂ, ସ୍ୱାର୍ଥ ହେଉଛନ୍ତି ପ୍ରବଳ । ଏହି ପ୍ରବଳ ରିପୁମାନଙ୍କ କ୍ରିୟା ସମ୍ବନ୍ଧେ ସାଧକ ସଚେତ ହୋଇ ଏସବୁକୁ ଶ୍ରୀମା'ଙ୍କ ଚରଣରେ ସମର୍ପଣ କରିବା ସଙ୍ଗେ ସଙ୍ଗେ ଅନ୍ୟ ରିପୁମାନଙ୍କୁ ମଧ୍ୟ ସହଜରେ ସମର୍ପଣ କରିପାରନ୍ତି ।

କାମ, କ୍ରୋଧକୁ ତଥା ଏସବୁର କ୍ରିୟାକୁ ସାଧକ ସହଜରେ ଚିହ୍ନିପାରନ୍ତି, କିନ୍ତୁ ଅହଂ ସ୍ୱାର୍ଥକୁ ଚିହ୍ନିବା ସହଜ ହୁଏ ନାହିଁ । ଏହି ଚାରି ରିପୁଙ୍କ କ୍ରିୟା କ୍ରମଶଃ ଆଲୋଚନା କରିବା ।

### କ୍ରୋଧ ବା ରାଗ

କ୍ରୋଧ ବା ରାଗ ପ୍ରାଣର ଗୁଣ । ଏହା ମହାନ୍ ଶକ୍ତିଶାଳୀ । ରାଗ ଆସିବା ସଙ୍ଗେ ସଙ୍ଗେ ବୁଦ୍ଧିକୁ ଅଧିକାର କରିନିଏ । କେବେ ବ୍ୟକ୍ତିକୁ ସିଧା ସିଧା ଆକ୍ରମଣ କରେ, କେବେ କୌଣସି ଘଟଣାର ଆଶ୍ରୟ ନିଏ, କେବେ ଅନ୍ୟ ବ୍ୟକ୍ତି ଦ୍ୱାରା ଆକ୍ରମଣ କରେ । ଅଧ୍ୟାତ୍ମ ସାଧକମାନଙ୍କ ମଧ୍ୟରେ ଭାଗବତୀ ଶକ୍ତି ରୂପାନ୍ତର କ୍ରିୟା କରିବା ସମୟରେ ରୂପାନ୍ତର କରିବା ସକାଶେ ସାଧକର ମନ-ପ୍ରାଣରେ ଥିବା ଦୋଷ ଦୁର୍ଗୁଣକୁ ସ୍ପର୍ଶ କରନ୍ତି । ସାପ ଲାଞ୍ଜରେ ବାଡ଼ି ମାରିବା ସଦୃଶ ସୁପ୍ତ ଥିବା ଦୋଷ ଦୁର୍ଗୁଣ ସବୁ ସର୍ପ 'ଫଁ' କରି ଫଣା ଟେକିବା ସଦୃଶ ଭାଗବତୀ ଶକ୍ତିଙ୍କ ରୂପାନ୍ତର କ୍ରିୟାରେ ବାଧା ଦେବା ସକାଶେ ସମ୍ମୁଖକୁ ଆସନ୍ତି । ସେସମୟରେ ସାଧକ ସଚେତନ ନ ଥିଲେ କେବଳ ଅନ୍ୟର ଦୋଷକୁ ଦେଖନ୍ତି ଅଥବା ଅନ୍ୟର ଗୁଣ ତାଙ୍କ ଦୃଷ୍ଟିରେ ଦୋଷ ପ୍ରତୀତ ହୁଏ । ତାଙ୍କ ପ୍ରତି ସମସ୍ତେ ଖରାପ ବ୍ୟବହାର କରୁଥିବା ସେ ବୃଥା ଧାରଣା କରନ୍ତି ଏବଂ ଅନ୍ୟ ସହିତ ପ୍ରତିକୂଳ ବ୍ୟବହାର ମଧ୍ୟ କରନ୍ତି । ଏପରିକି କଥା କଥାରେ ବିବାଦ କିଂବା ଝଗଡ଼ା କରନ୍ତି । ଯେଉଁ ସାଧକମାନଙ୍କର ରାଗ ଅଧିକ ଥାଏ ତାଙ୍କୁ ରାଗ ଆକ୍ରମଣ କଲେ ତାଙ୍କ ହୃଦୟ ରାଗରେ ଜଳିବାକୁ ଲାଗେ । ଅନ୍ୟ ବ୍ୟକ୍ତି ଉପରେ ରାଗ ପ୍ରୟୋଗ ନ କରିବା ପର୍ଯ୍ୟନ୍ତ ସେ ଅସାଧାରଣ ବ୍ୟସ୍ତତା ଅନୁଭବ କରନ୍ତି, ଅସ୍ତବ୍ୟସ୍ତ ହେଉଥା'ନ୍ତି । ଅନ୍ୟ ବ୍ୟକ୍ତି ଉପରେ ରାଗି ବାକ୍ୟ ଦ୍ୱାରା ପ୍ରତିକୂଳ ବ୍ୟବହାର କରି ପାରନ୍ତି କିଂବା ଝଗଡ଼ା କରିପାରନ୍ତି ଅଥବା ମାରପିଟ କରି ପାରନ୍ତି । ଘଟଣା ଘଟିବା ପରେ ରାଗ ଶାନ୍ତ ହୋଇଯାଏ । ସାଧକଙ୍କ ବୁଦ୍ଧିରେ ଯଦି ଅନ୍ତରାତ୍ମାଙ୍କର ଅଧିକ ପ୍ରକାଶ ପଡ଼ି ନ ଥାଏ ତେବେ ସେ ମନେ କରନ୍ତି ''ଅନୁଚିତ କାର୍ଯ୍ୟ ତ ହେଲା, କିନ୍ତୁ ରାଗ ପ୍ରକାଶ ନ କରିବା ପର୍ଯ୍ୟନ୍ତ ହୃଦୟରେ ଯେଉଁ ଦାହ ବା ଜ୍ୱଳନ ହେଉଥିଲା, ଯେଉଁ ବ୍ୟସ୍ତତା, ଯେଉଁ ଅସ୍ଥିରତା ଥିଲା ତାହା ଚାଲିଗଲା ।'' ସାଧନାରେ ଏହି ପ୍ରତିକୂଳ ଆଚରଣକୁ ସମର୍ଥନ କରିବା ଭୁଲ୍ । ଏଥିରେ ରାଗ ଦୁର୍ବଳ ହୁଏ ନାହିଁ, ଶକ୍ତିଶାଳୀ ହୁଏ । ପର ଆକ୍ରମଣରେ ଅଧିକ ଶକ୍ତିଶାଳୀ ହୋଇ ଆସେ । ଏହା ସଂଯମ ବା ରୂପାନ୍ତର ପ୍ରଣାଳୀର ବିରୁଦ୍ଧ ।

ରୂପାନ୍ତରର ପ୍ରଣାଳୀ ହେଲା – ବ୍ୟକ୍ତିର ଅନୁଚିତ ବ୍ୟବହାର ଯୋଗୁଁ ରାଗ ଆସୁ ବା ଉଚିତ ବ୍ୟବହାରରୁ ଆସୁ, ତା'ର କୌଣସି ମହତ୍ତ୍ୱ ନାହିଁ । ସାଧକ ମନେ କରିବେ, ''ରାଗହିଁ ବିରୋଧୀ ଶକ୍ତି । ଏହାକୁ ମୁଁ କେବେ ବି ପ୍ରଶ୍ରୟ ଦେବି ନାହିଁ ।'' ଏହା ଭାବି ମା'ଙ୍କ ନାମ ସ୍ମରଣ କରିବେ ଏବଂ ଭିତରେ ମନ୍ଥନ କରିଥିବା ରାଗକୁ ମା'ଙ୍କ ଚରଣରେ ସମର୍ପଣ କରିବେ । ଏକଥା ସୁସ୍ପଷ୍ଟ ଯେ ସେସମୟରେ ମନରେ ଏକାଗ୍ରତା ଆସିବ ନାହିଁ, ସ୍ଥିରତାରେ ବସି ହେବ ନାହିଁ । ତଥାପି ମା'ଙ୍କୁ ଡାକିବେ, ପ୍ରାର୍ଥନା କରିବେ । ଭାବିବେ, ''ମା'ଙ୍କ ଶକ୍ତି ଦ୍ୱାରା ଏହି ରାଗ ନିଶ୍ଚୟ ରୂପାନ୍ତରିତ ହେବ, ମୁଁ ମା'ଙ୍କର, ମା ନିଶ୍ଚୟ ରକ୍ଷା କରିବେ ।'' ନାମଜପ ଶୀଘ୍ର ଶୀଘ୍ର କରିବେ । ଏପରି କଲେ ପ୍ରଥମ ଥର ରାଗ ଶାନ୍ତ ହେବାରେ ବହୁତ ସମୟ ଲାଗିପାରେ, କିନ୍ତୁ ଥରେ ଏଥିରେ ସାଧକ ସଫଳତା ପାଇଲେ ଅନ୍ୟ ଥର ସକାଶେ ତାଙ୍କର ସାହସ, ଧୈର୍ଯ୍ୟ, ବିଶ୍ୱାସ ବଢ଼ିଯାଏ । ପ୍ରଥମ ଥର ଅପେକ୍ଷା ଦ୍ୱିତୀୟ ଥର ମା'ଙ୍କ ନାମ ସ୍ମରଣ କରିବାରେ ଏକାଗ୍ରତା ଆସେ । ମା'ଙ୍କ ନାମ ଶୀଘ୍ର ଶୀଘ୍ର ଜପ କଲେ ଅପେକ୍ଷାକୃତ ଶୀଘ୍ର ରାଗ ଚାଲିଯାଏ ।

ଅନ୍ୟ ଉପାୟ ହେଲା – ରାଗ ଆସିଲେ ତାକୁ କ୍ରିୟାରେ ପରିଣତ ନ କରି ଯଦି କେହି ବ୍ୟକ୍ତି ଏବିଷୟରେ ଉଚିତ ପରାମର୍ଶ ଦେଇ ପାରନ୍ତି ତାଙ୍କୁ କହିଦେବେ । ସେ ବ୍ୟକ୍ତି ଯଦି ଏହି ବିଷୟରେ ଠିକ୍ ଠିକ୍ ପରାମର୍ଶ ଦେଇ ପାରନ୍ତି ତେବେ ରାଗ ଶୀଘ୍ର ଦୂର ହୁଏ ଏବଂ ପରେ ଏକାଗ୍ରତା, ମା'ଙ୍କ ପ୍ରତି ବିଶ୍ୱାସ, ସମର୍ପଣ ଭାବ ଅଧିକ ଆସେ । ସାଧକର ବିଷାଦ ଦୂର ହୁଏ, ସେ ମା'ଙ୍କର ଉପସ୍ଥିତି, ଶାନ୍ତି, ଆନନ୍ଦ ଅନୁଭବ କରନ୍ତି । ସବୁପ୍ରକାର ରିପୁମାନଙ୍କ ଆକ୍ରମଣକୁ କ୍ରିୟାରେ ପରିଣତ କରିବା ଆଦୌ ଉଚିତ ନୁହେଁ । ସେଥିରେ ବିରୋଧୀ ଶକ୍ତିର ବଳ ଏବଂ ଆକ୍ରମଣ ବଢ଼େ । ରାଗ ଥିବା ସମୟରେ କୌଣସି ନିର୍ଣ୍ଣୟ କଲେ ଶହେରୁ ଅନେଶତ ଭୁଲ୍ ହୁଏ । ପରିଣାମ ବହୁତ ଖରାପ ହୁଏ । ରାଗ ଶାନ୍ତ ନ ହେବା ପର୍ଯ୍ୟନ୍ତ କୌଣସି ସମସ୍ୟା ସମାଧାନ କରିବା ଆଦୌ ଉଚିତ ନୁହେଁ ।

## କାମ

କାମ ଏବଂ କ୍ରୋଧ ଉଭୟ ମହାନ୍ ଶକ୍ତିଶାଳୀ, କିନ୍ତୁ କ୍ରୋଧ ଅପେକ୍ଷା କାମ ବହୁତ କୌଶଳୀ । କ୍ରୋଧକୁ କୌଣସି ବ୍ୟକ୍ତି ସହଜରେ ଚିହ୍ନି ପାରିବେ କିନ୍ତୁ କାମ ଆକ୍ରମଣକୁ ଚିହ୍ନିବା ସହଜ ହୁଏ ନାହିଁ ।

ସାଧକ ମଧ୍ୟରେ କାମପ୍ରବୃତ୍ତି ଅଶାନ୍ତ କିଂବା ଅଧିକ ଥିବା ଅବସ୍ଥାରେ ସାଧକ ଯଦି ସେଥିରୁ ମୁକ୍ତ ହେବା ସକାଶେ ତଥା ସେସବୁକୁ ରୂପାନ୍ତର କରିବା ସକାଶେ ଦୃଢ଼ ଅଟଳ ସଂକଳ୍ପ କରି ନ ଥା'ନ୍ତି ଏବଂ ମା'ଙ୍କ ଚରଣରେ ସମର୍ପଣ କରିବାର ସଂକଳ୍ପରେ ତ୍ରୁଟି ଅଥବା ଶିଥିଳତା ଥାଏ, ତେବେ ଝିଅ ଓ ପୁଅ ମଧ୍ୟରେ ମିତ୍ରତା ହୁଏ । ପ୍ରଥମରେ କୌଣସି ଦୋଷତ୍ରୁଟି ଦେଖା ଦିଏ ନାହିଁ । ବ୍ୟକ୍ତି ମନେକରେ ଏହା ପବିତ୍ର ସମ୍ପର୍କ । ଯଦି ବାରଂବାର ଦେଖା କରିବାକୁ ତଥା କଥାବାର୍ତ୍ତା କରିବାକୁ ଇଚ୍ଛା ହୁଏ ବା ନ ଦେଖିଲେ, କଥାବାର୍ତ୍ତା ନ କଲେ ମନ ଛଟପଟ ହେଉଥାଏ, ତେବେ ଏହା ପବିତ୍ର ସମ୍ପର୍କ ପଦାପି ନୁହେଁ । ଏହା ସ୍ୱଷ୍ଟ ଏବଂ ନିଃସନ୍ଦିଗ୍ଧରୂପେ ପ୍ରାଣର କାମପ୍ରବୃତ୍ତିର ଛଦ୍ମସମ୍ପର୍କ । ବ୍ୟକ୍ତି ସାବଧାନ ନ ହେଲେ ପତନ ହେବାର ରାସ୍ତା ଉନ୍ମୁକ୍ତ ଥାଏ । ଏହା ହେଉଛି ନିଜ ମଧ୍ୟରେ ଥିବା ବାସନାର କୌଶଳ ।

ଆତ୍ମାର ସମ୍ପର୍କରେ ବ୍ୟକ୍ତି ଅନ୍ୟର ହିତ ଚାହେଁ, ଆବଶ୍ୟକ ହେଲେ ସାହାଯ୍ୟ କରେ । କିନ୍ତୁ ଦେଖା ନ ହେଲେ, କଥାବାର୍ତ୍ତା ନ କଲେ ବ୍ୟାକୁଳତା, ବ୍ୟସ୍ତତା ଆସେ ନାହିଁ ।

ଝିଅ ଏବଂ ପୁଅପିଲାଙ୍କ ମଧ୍ୟରେ ଯେଉଁ ସମ୍ପର୍କ ତାହା ପବିତ୍ର ହେଉ ବା ଅପବିତ୍ର ହେଉ ସାଧକ ପ୍ରଥମରୁ ସର୍ବଦା ସାବଧାନ ରହିବା ଉଚିତ । କାର୍ଯ୍ୟ ସମ୍ପର୍କରେ ଯେତିକି ଆବଶ୍ୟକ ସେତିକି ସମ୍ପର୍କ ରଖିବେ ଏବଂ ସେତିକି କଥାବାର୍ତ୍ତା କରିବେ । ସାଧକ ପ୍ରଥମରୁ ସାବଧାନ ନ ହେଲେ ବହୁତ ଘଟଣାରେ ଏହି ସମ୍ପର୍କ ଅପବିତ୍ରତାରେ ପରିଣତ ହୁଏ ।

ଯିଏ ଥରେ ଆନ୍ତରିକତା ସହ ମା'ଙ୍କ ଆଶ୍ରୟ ନେଇଥାଆନ୍ତି ମା ତାଙ୍କୁ ପଦେ ପଦେ ରକ୍ଷା କରନ୍ତି । ସହଜରେ

ପଦସ୍ଖଳନ କରିବାକୁ ଦିଅନ୍ତି ନାହିଁ । ମା'ଙ୍କର ସଂକେତ ଏବଂ ବାଧାବିଘ୍ନ ବାରଂବାର ଆସେ; ଏଥିରେ ସାଧକ ସଚେତ ନ ହେଲେ ସେ ବାସନାର କବଳରେ ପଡ଼ିପାରେ । ଏହି ଅବସ୍ଥାରେ ବି ମା'ଙ୍କ ଶକ୍ତି ସାଧକକୁ ସଚେତ କରାଏ । ସାଧକ ସଚେତ ହୋଇ ମା'ଙ୍କ ନାମ ସ୍ମରଣପୂର୍ବକ ଆନ୍ତରିକ ବ୍ୟାକୁଳତା ସହ ମା'ଙ୍କୁ ଡାକିଲେ ମା ନିଶ୍ଚୟ ଉଦ୍ଧାର କରନ୍ତି, କିନ୍ତୁ କଷ୍ଟସାଧ୍ୟ ହୁଏ । ମା'ଙ୍କ ରକ୍ଷା ପ୍ରତି ସାଧକ ଯଦି ଭ୍ରୂକ୍ଷେପ ନ କରନ୍ତି, ଅଧ୍ୟାତ୍ମ ମାର୍ଗ ସକାଶେ ଯଦି ତାଙ୍କର କେନ୍ଦ୍ରୀୟ ସଂକଳ୍ପ ଦୃଢ଼ ନ ଥାଏ, ତେବେ ସାଧକ ସାଧାରଣ ଜୀବନକୁ ଫେରିଯାଇ ପାରନ୍ତି । କିନ୍ତୁ ଥରେ ଯିଏ ଆନ୍ତରିକତା ସହ ଭଗବାନଙ୍କ ଆଶ୍ରୟ ନେଇଥାଆନ୍ତି, ଅଧ୍ୟାତ୍ମ ମାର୍ଗକୁ ସ୍ୱୀକାର କରିଥାଆନ୍ତି, ସେ ଗାର୍ହସ୍ଥ୍ୟାଶ୍ରମକୁ ଫେରିଗଲେ ମଧ୍ୟ ଭଗବାନ୍ ପୂରାପୂରି ତାଙ୍କୁ ତ୍ୟାଗ କରନ୍ତି ନାହିଁ । ସେ ଗାର୍ହସ୍ଥ୍ୟାଶ୍ରମରେ ବହୁତ ଦୁଃଖକଷ୍ଟ ଭୋଗନ୍ତି, ଏହି ଜନ୍ମରେ ହେଉ ବା ପର ଜନ୍ମରେ ହେଉ, ପୁନରାୟ ଅଧ୍ୟାତ୍ମ ମାର୍ଗକୁ ଆସନ୍ତି । ପ୍ରାପ୍ତ ହୋଇଥିବା ଅଧ୍ୟାତ୍ମ ସାଧନା ନଷ୍ଟ ହୁଏ ନାହିଁ ।

ଯେଉଁ ସାଧକମାନଙ୍କର କେନ୍ଦ୍ରୀୟ ସମର୍ପଣ ଦୃଢ଼ ଏବଂ ବାସନା କାମନା ଅବିମିଶ୍ର ଥାଏ, ଯେଉଁ ସାଧକ ଛୋଟ ଶିଶୁ ସଦୃଶ ମା'ଙ୍କ ଆଶ୍ରୟ ନେଇଥା'ନ୍ତି, ସେମାନଙ୍କୁ ମଧ୍ୟ କାମ କ୍ରୋଧାଦି ରିପୁଗଣଙ୍କର ଆକ୍ରମଣ ହୁଏ । କାରଣ ଶରୀରର ରୂପାନ୍ତର ହେବା ପର୍ଯ୍ୟନ୍ତ କାମ, କ୍ରୋଧ, ଅହଂ, ସ୍ୱାର୍ଥାଦି ରିପୁ ରହିଥାଆନ୍ତି । ତା' ଛଡ଼ା ଭାଗବତୀ ଶକ୍ତି ସାଧକ ମଧ୍ୟରେ ରୂପାନ୍ତର କ୍ରିୟା କରିବା ସମୟରେ ସେସବୁକୁ ରୂପାନ୍ତର କରିବା ସକାଶେ ସ୍ପର୍ଶ କରନ୍ତି । ଭାଗବତୀ ଶକ୍ତିଙ୍କ ସ୍ପର୍ଶ ପାଇବା ମାତ୍ରେ ତାଙ୍କ କ୍ରିୟାରେ ବାଧା ଦେବା ସକାଶେ ସେସବୁ ସମ୍ମୁଖକୁ ଆସନ୍ତି । ସେସବୁକୁ ରୂପାନ୍ତର କରିବା ପାଇଁ ସେତିକି ପରିମାଣରେ ଆସିବା ସକାଶେ ଭାଗବତୀ ଶକ୍ତି ଅନୁମତି ଦିଅନ୍ତି, ସାଧକ ଯେତିକି ବରଦାସ୍ତ କରିପାରନ୍ତି । ଯଥାର୍ଥରେ ଏହି ବିରୋଧୀ ଶକ୍ତିଙ୍କ ଦ୍ୱାରା ଉପୁଜୁଥିବା ବାଧାବିଘ୍ନ ଦ୍ୱାରା ସାଧକ ସାଧନାରେ ଅଗ୍ରଗତି କରନ୍ତି । ଯଦି ସାଧକ ସଚେତ ହୋଇ ମାତୃଶକ୍ତି ଆଶ୍ରୟରେ ସେସବୁର ଆକ୍ରମଣକୁ ପ୍ରଶ୍ରୟ ନ ଦେଇ ମା'ଙ୍କ ନାମଜପ ସହିତ ତାଙ୍କ ଚରଣରେ ସମର୍ପଣ କରନ୍ତି, ତେବେ ମା ନିଶ୍ଚୟ ରକ୍ଷା କରନ୍ତି । ମା ସର୍ବଦା ସାଧକକୁ ରକ୍ଷା କରିବା ସକାଶେ ଅପେକ୍ଷା କରି ରହିଥାଆନ୍ତି । ସାଧକର ନିଷ୍କପଟ ଅର୍ଥାତ୍ ବାସନାକାମନାଶୂନ୍ୟ ସମର୍ପଣ ହେବା ମାତ୍ରେ ମାତୃଶକ୍ତି ସାଧକକୁ ରକ୍ଷା କରନ୍ତି ।

## ଅହଂ ଏବଂ ସ୍ୱାର୍ଥ

ଅହଂ ଏବଂ ସ୍ୱାର୍ଥ ଉଭୟେ ଅନ୍ତରଙ୍ଗ ବନ୍ଧୁ । ଏକକୁ ଛାଡ଼ି ଅନ୍ୟ ରହିପାରେ ନାହିଁ । ଅହଂ ଶରୀର ସହିତ ଏକ । ନାମରୂପବିଶିଷ୍ଟ ବ୍ୟକ୍ତିହିଁ ଅହଂ । ଶରୀର ରୂପାନ୍ତର ନ ହେବା ପର୍ଯ୍ୟନ୍ତ ଅହଂ ବିଦ୍ୟମାନ ଥାଏ । ଯେଉଁ ଯୋଗିଋଷିମାନେ ଶରୀର-ମନ-ପ୍ରାଣକୁ ପୃଥକ୍ କରି ନିରନ୍ତର ବ୍ରହ୍ମ-ଚେତନାରେ ବାସ କରନ୍ତି ସେମାନେ ଶରୀର ଚେତନାକୁ ଆସିଲେ ସୁଯୋଗ ପାଇ ଅହଂ, ସ୍ୱାର୍ଥ, କାମକ୍ରୋଧାଦି ରିପୁ ମଧ୍ୟ ସେମାନଙ୍କୁ ଆକ୍ରମଣ କରିପାରନ୍ତି ।

ସାଧାରଣତଃ କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥାଦି ରିପୁ ସମସ୍ତ ବ୍ୟକ୍ତି ମଧ୍ୟରେ ସମାନଭାବେ ପ୍ରବଳ ନ ଥା'ନ୍ତି । କାହାର କାମ ପ୍ରବଳ, କାହାର କ୍ରୋଧ ପ୍ରବଳ, କାହାର ଲୋଭ ଓ ମୋହ ଆଦି ଗୋଟିଏ ଗୋଟିଏ ରିପୁ ପ୍ରବଳ ହୋଇଥାଆନ୍ତି । ଯାହା ମଧ୍ୟରେ ଅହଂ, ସ୍ୱାର୍ଥ ଅତ୍ୟନ୍ତ ପ୍ରବଳ, ତା' ମଧ୍ୟରେ କାମ, କ୍ରୋଧ ଆଦି ରିପୁ ଗୌଣ ବା କାହାର କାହାର ନିଷ୍କ୍ରିୟ ହୋଇ ରହିଥାଆନ୍ତି । କିନ୍ତୁ ଏହା ଏକ ସର୍ବସାଧାରଣ ନିୟମ ନୁହେଁ; କାହା ମଧ୍ୟରେ ସମସ୍ତ ରିପୁ ମଧ୍ୟ ପ୍ରବଳ ଥାଆନ୍ତି ।

ସାଧାରଣତଃ, ଯଥାର୍ଥରେ ଦେଶର ଉନ୍ନତି କାମନା କରୁଥିବା କେତେକ ଦେଶସେବୀ, ଶକ୍ତିଶାଳୀ ତଥା ପ୍ରଭାବଶାଳୀ ନେତା, ସୁଦକ୍ଷ ସେବାଭାବାପନ୍ନ ଡାକ୍ତର, ପ୍ରସିଦ୍ଧ ଜଡ଼ ବିଜ୍ଞାନବେତ୍ତା, ସଂସାରରେ ପ୍ରସିଦ୍ଧ ଇଞ୍ଜିନିୟରମାନଙ୍କ ମଧ୍ୟରେ ପ୍ରବଳଭାବେ ଅହଂ ଥାଇପାରେ କିନ୍ତୁ କାମ-କ୍ରୋଧାଦି ଅନ୍ୟାନ୍ୟ ରିପୁ କମ୍ କ୍ରିୟାଶୀଳ ଥାଆନ୍ତି । ଏମାନେ

କେହି ନିଜ ଅହଂ ସମ୍ବନ୍ଧେ ସଚେତ ହୁଅନ୍ତି ନାହିଁ । ବ୍ୟକ୍ତି ଅହଂ ସମ୍ବନ୍ଧେ ସଚେତ ହୋଇ ପାରନ୍ତି ଯେବେ ଅନ୍ତରରେ ଅଧ୍ୟାତ୍ମ ଚେତନାରେ ବାସ କରନ୍ତି । ଅନ୍ୟଥା ଅହଂ ଏପରି ଛଦ୍ମବେଶୀ ଯେ ମାନସ ଚେତନାରେ ତାକୁ ତଥା ତା'ର କୌଶଳୀ କ୍ରିୟାକୁ ବୁଝିବା ସମ୍ଭବ ନୁହେଁ ।

ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗର ସାଧକମାନଙ୍କୁ ଅନିବାର୍ଯ୍ୟରୂପେ ଅହଂ ସମ୍ବନ୍ଧେ ସଚେତ ହେବାକୁ ତଥା ତାକୁ ରୂପାନ୍ତରିତ କରିବାକୁ ହୁଏ । ଅହଂ ସମ୍ବନ୍ଧେ ସଚେତ ନ ହେଲେ ସମର୍ପଣ ହୋଇପାରେ ନାହିଁ । ବିରୋଧୀ ଶକ୍ତି ଦ୍ୱାରା ବହୁ ପ୍ରକାର ବାଧାବିଘ୍ନ ଆସେ । ସମର୍ପଣ ନ ହେଲେ ଭାଗବତୀ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରନ୍ତି ନାହିଁ । ଅର୍ଥାତ୍, ସାଧକ ଅହଂ ସମ୍ବନ୍ଧେ ସଚେତ ନ ହେଲେ ସାଧନାରେ ଅଗ୍ରସର ହୋଇ ପାରନ୍ତି ନାହିଁ । ଅହଂକୁ ଚିହ୍ନିବାର ସବୁଠାରୁ ସରଳ ଉପାୟ ହେଲା ସାଧକ ରୂପାନ୍ତର ଯୋଗରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ସଂପୂର୍ଣ୍ଣରୂପେ ମା'ଙ୍କ ଚରଣରେ ନିଜକୁ ସମର୍ପଣ କରି 'ମା'– ଏହି ନାମ ସ୍ମରଣ କରିବା । ଏହାର ଅର୍ଥ ସମର୍ପଣର କେନ୍ଦ୍ରୀୟ ସଂକଳ୍ପ ।

ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ ହେଲେ ସେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଅଧ୍ୟାତ୍ମ ସାଧନାରେ ପ୍ରବୃତ୍ତ ହୁଅନ୍ତି । ତାଙ୍କ ଆତ୍ମାର ନିର୍ଦ୍ଧାରଣ ଅନୁସାରେ ସେ ଗାର୍ହସ୍ଥ୍ୟାଶ୍ରମରେ ରହି ସାଧନା କରନ୍ତୁ ବା ଗାର୍ହସ୍ଥ୍ୟାଶ୍ରମ ତ୍ୟାଗ କରି ସାଧନା କରନ୍ତୁ, ଅନ୍ତରାତ୍ମା ଜାଗ୍ରତ ଛଡ଼ା ବ୍ୟକ୍ତି ଭଗବତ୍ପ୍ରାପ୍ତି ସକାଶେ ଦୃଢ଼ ସଂକଳ୍ପ କରି ପାରନ୍ତି ନାହିଁ । ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ ହୁଅନ୍ତି କ୍ରମବିକାଶ ପ୍ରଣାଳୀରେ ଅଥବା ଭଗବାନଙ୍କ କୃପାରୁ କିଂବା ଅଧ୍ୟାତ୍ମ ସାଧକମାନଙ୍କ ସଙ୍ଗ ବା ଅଧ୍ୟାତ୍ମ ସଂସ୍ଥା ସଂପର୍କରେ ଆସିଲେ, କିଂବା ଅଧ୍ୟାତ୍ମ ଗ୍ରନ୍ଥ ଅଧ୍ୟୟନ କଲେ । ଅନ୍ତରାତ୍ମା ଭଗବାନଙ୍କ ସ୍ୱରୂପ ଏବଂ ସତ୍ୟ, ଶାଶ୍ୱତ ସତ୍ତା । ତାଙ୍କର ଗୁଣଧର୍ମ ପରମାନନ୍ଦ, ପରମଶାନ୍ତି, ପରମଜ୍ଞାନ, ଦୟା, କରୁଣା, ସମତାଦି ଦିବ୍ୟଗୁଣ । ଏହି ଜଡ଼ ଶରୀର-ମନ-ପ୍ରାଣରେ ଭଗବାନଙ୍କୁ ପ୍ରକାଶ କରିବା ସକାଶେ ଅନ୍ତରାତ୍ମା ମନୁଷ୍ୟ ମଧ୍ୟରେ ନିବାସ କରିଅଛନ୍ତି । ସେ ଜାଗ୍ରତ୍ ହେବା ସଙ୍ଗେ ସଙ୍ଗେ ବ୍ୟକ୍ତି ଭଗବତ୍ ପ୍ରାପ୍ତି ସକାଶେ କେନ୍ଦ୍ରୀୟ ସଂକଳ୍ପ କରି ସାଧନାରେ ପ୍ରବୃତ୍ତ ହୁଅନ୍ତି । କିନ୍ତୁ ଅନ୍ତରାତ୍ମା ସବୁ ସମୟରେ ସମ୍ମୁଖରେ ରହିପାରନ୍ତି ନାହିଁ । ସାଧକ ଲକ୍ଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ସାଧନା ମାର୍ଗରେ ଅହଂ, ସ୍ୱାର୍ଥ ଏବଂ ମନ-ପ୍ରାଣର ବାସନାକାମନା ରୂପାନ୍ତର ହେବା ପର୍ଯ୍ୟନ୍ତ ଅନ୍ତରାତ୍ମାକୁ ବାରଂବାର ଆବରଣ କରିଥା'ନ୍ତି । ଯେଉଁ ସାଧକ ସଚେତଭାବେ ଭଗବତ୍ ପ୍ରାପ୍ତିର କେନ୍ଦ୍ରୀୟ ସଂକଳ୍ପ କରିଥା'ନ୍ତି, ସେହିମାନେ ସେହି ସଙ୍ଗେ ସଙ୍ଗେ ନିଜକୁ ପୂର୍ଣ୍ଣରୂପେ ସମଗ୍ର ସତ୍ତା ସହିତ ମାତୃଶକ୍ତିଙ୍କ ଚରଣରେ ସମର୍ପଣ କରିବା ସକାଶେ କେନ୍ଦ୍ରୀୟ ସମର୍ପଣ ମଧ୍ୟ କରନ୍ତି । ଅନ୍ୟ ସାଧକମାନେ ଭଗବତ୍ ପ୍ରାପ୍ତିର କେନ୍ଦ୍ରୀୟ ସଂକଳ୍ପ କରନ୍ତି, ସାଧନାରେ ମଧ୍ୟ ପ୍ରବୃତ୍ତ ହୁଅନ୍ତି, ମାତ୍ର ସମଗ୍ର ସତ୍ତାରେ ସମର୍ପଣ ହେବା ବିଷୟରେ ସଚେତ ହୋଇ ନ ଥା'ନ୍ତି । କିଛି ଦୂର ସାଧନାରେ ଅଗ୍ରସର ହେବା ପରେ ସଚେତନତା ଆସେ, ତେବେ ସେ ସର୍ବାଙ୍ଗୀଣ ସମର୍ପଣର କେନ୍ଦ୍ରୀୟ ସଂକଳ୍ପ କରନ୍ତି ଏବଂ ମନ-ପ୍ରାଣ-ଶରୀରକୁ ସେ ଭଗବାନଙ୍କ ଚରଣରେ ଅର୍ପଣ, ନିବେଦନ, ଉତ୍ସର୍ଗ କରିଦିଅନ୍ତି । ସେମାନଙ୍କ ମନ-ପ୍ରାଣ-ଶରୀରରେ ଅହଂ ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଇତ୍ୟାଦି ରିପୁଗଣ ବିଦ୍ୟମାନ ଥାଆନ୍ତି । କିନ୍ତୁ ଏସବୁକୁ ନିଜ ନିଜ ବାସନା କାମନା ଚରିତାର୍ଥ କରିବାକୁ ନ ଦେଇ ଏସବୁକୁ ମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ ଯେଉଁ ଇଚ୍ଛା, ଯେଉଁ ଧାରଣା, ଯେଉଁ ସଂକଳ୍ପ କରନ୍ତି ତା'ର ନାମ କେନ୍ଦ୍ରୀୟ ସମର୍ପଣ ।

ଆଉ କେତେକ ସାଧକଙ୍କର ଅନ୍ତରାତ୍ମା ଜାଗ୍ରତ ହୁଅନ୍ତି, ସେମାନେ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଅଧ୍ୟାତ୍ମମାର୍ଗ ଗ୍ରହଣ କରନ୍ତି; କିନ୍ତୁ ଭଗବତ୍ ପ୍ରାପ୍ତି ସକାଶେ ତୀବ୍ରତା ନ ଥିବା ଯୋଗୁଁ କେନ୍ଦ୍ରୀୟ ସଂକଳ୍ପ ବା କେନ୍ଦ୍ରୀୟ ସମର୍ପଣ ସମ୍ବନ୍ଧେ ସଚେତ ନ ଥା'ନ୍ତି । ଏମାନେ ବି ସାଧନା-ମାର୍ଗରେ ଅଗ୍ରସର ହେଲେ ଭଗବତ୍ ପ୍ରାପ୍ତି ସକାଶେ କେନ୍ଦ୍ରୀୟ ସଂକଳ୍ପ ତଥା କେନ୍ଦ୍ରୀୟ ସମର୍ପଣ ସମ୍ବନ୍ଧେ କମ୍ ବା ବେଶୀ ସମୟରେ ସଚେତ ହୋଇ ପାରନ୍ତି ।

ସାଧକ କେନ୍ଦ୍ରୀୟ ସଂକଳ୍ପ ଏବଂ କେନ୍ଦ୍ରୀୟ ସମର୍ପଣ କରିବା ସଙ୍ଗେ ସଙ୍ଗେ ସଚେତ ହୁଅନ୍ତୁ ବା ପରେ ସଚେତ ହୁଅନ୍ତୁ ସମସ୍ତ ପ୍ରକାର ସାଧକଙ୍କର ରିପୁ ବିଦ୍ୟମାନ ଥାଆନ୍ତି । ଯେଉଁ ସାଧକମାନଙ୍କର କେନ୍ଦ୍ରୀୟ ସଂକଳ୍ପରେ ଏବଂ କେନ୍ଦ୍ରୀୟ ସମର୍ପଣରେ ବାସନାକାମନା ମିଶ୍ରିତ ନ ଥାଏ ସେମାନଙ୍କର ସାଧନା ଆରମ୍ଭରୁ ଲକ୍ଷ୍ୟରେ ପହଞ୍ଚିବା ନିଶ୍ଚିତ

ହୋଇଯାଏ । ଯେଉଁ ସାଧକମାନଙ୍କର କେନ୍ଦ୍ରୀୟ ସଂକଳ୍ପ ତଥା କେନ୍ଦ୍ରୀୟ ସର୍ମପଣରେ ବଡ଼ ସାଧକ ହେବା, ନାମଯଶ, ଅଧିକାର ପ୍ରାପ୍ତ କରିବାର ବାସନାକାମନା ମିଶ୍ରିତ ଥାଏ, ସେମାନଙ୍କର ସାଧନାରେ ବାଧାବିଘ୍ନ ଆସିବା ଦ୍ୱାରା କେନ୍ଦ୍ରୀୟ ସଂକଳ୍ପ, କେନ୍ଦ୍ରୀୟ ସମର୍ପଣ ଶୁଦ୍ଧ ହୋଇପାରେ କିଂବା ବାସନାକାମନା ପୋଷଣ କରିବା ଦ୍ୱାରା ଭଗବତ୍ ପ୍ରାପ୍ତି ଲକ୍ଷ୍ୟ ଛାଡ଼ି କିଛି ବର୍ଷ ବା ଅଧିକ ବର୍ଷ ପର୍ଯ୍ୟନ୍ତ ସାଧାରଣ ଜୀବନକୁ ଫେରିଯାଆନ୍ତି । ସେମାନେ ସାଧାରଣ ଜୀବନରେ ବହୁତ କଷ୍ଟ, ଅତ୍ୟଧିକ ଅଶାନ୍ତି, ଅତ୍ୟଧିକ ଦ୍ୱନ୍ଦ୍ୱ ଭୋଗ କରନ୍ତି । ଜୀବନ ଦୁର୍ବିସହ ହୋଇପଡ଼େ । ଦୁଃଖ ଯାତନାରେ ଜୀବନ ଜର୍ଜରିତ ହୋଇଯାଏ; ଦୀପଶିଖାରେ ପତଙ୍ଗ ଝାସ ଦେବା ସଦୃଶ ସେମାନଙ୍କ ଜୀବନ ହୁଏ । ଏପରି ଦାରୁଣ ଯନ୍ତ୍ରଣା ଭୋଗ କରୁଥିବା ସତ୍ତ୍ୱେ ସେଥିରୁ ମୁକ୍ତ ହେବାର ଉପାୟ ନ ଥାଏ । ସେହି ସମୟରେ ଯଦି ସେମାନେ ବ୍ୟାକୁଳ ହୋଇ ଉଦ୍ଧାର ହେବା ସକାଶେ ଅନ୍ତରରୁ ମା'ଙ୍କୁ ଡାକନ୍ତି, ମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ନିଜକୁ ସଂପୂର୍ଣ୍ଣରୂପେ ସମର୍ପଣ କରିଦିଅନ୍ତି, ତେବେ ସେ ଅବସ୍ଥାରୁ ଉଦ୍ଧାର ହୋଇ ଭଗବତ୍ ପ୍ରାପ୍ତି ମାର୍ଗକୁ ଫେରିଆସନ୍ତି । ଅନ୍ୟଥା ସେହି ଜନ୍ମଟି ଦୁଃଖଯନ୍ତ୍ରଣାରେ ସମାପ୍ତ ହୁଏ ।

ଯେଉଁମାନଙ୍କର କେନ୍ଦ୍ରୀୟ ଲକ୍ଷ୍ୟ ଏବଂ କେନ୍ଦ୍ରୀୟ ସମର୍ପଣ କାମନାବାସନା ମିଶ୍ରିତ ନ ଥାଏ, ସେମାନଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ସମୟରେ ବାଧାବିଘ୍ନ ମଧ୍ୟ ଆସନ୍ତି, କିନ୍ତୁ ସେମାନେ ସଚେତ ଥିବାରୁ ମା'ଙ୍କ ଚରଣରେ ସମର୍ପଣ କରି ଦିଅନ୍ତି । ମାତୃଶକ୍ତି ସେମାନଙ୍କୁ ସକଳ ବାଧାବିଘ୍ନରୁ ରକ୍ଷା କରି ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ସର୍ବଦା ସାହାଯ୍ୟ କରୁଥା'ନ୍ତି ।

## (୩)

## ସାମୂହିକ କର୍ମରେ ସାମଞ୍ଜସ୍ୟ

ପୂର୍ବେ କୁହାହୋଇଛି ସମର୍ପଣରେହିଁ ଅତିମାନସ ଶକ୍ତି ସାଧକର ମନ-ପ୍ରାଣ-ଶରୀରକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରନ୍ତି; ସାଧକ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ, ଅଜ୍ଞାନରୁ ପୂର୍ଣ୍ଣରୂପେ ମୁକ୍ତ ହୁଅନ୍ତି । ସେ ପରିଚାଳିତ ହୁଅନ୍ତି ଅତିମାନସ ଶକ୍ତି ଦ୍ୱାରା । ଏହିପରି କେତେକ ବ୍ୟକ୍ତିଙ୍କର ରୂପାନ୍ତର ହେଲେ ସେମାନେ ହେବେ ଅତିମାନବ । ବର୍ତ୍ତମାନ ପଶୁ ପରେ ଯେପରି ମନୁଷ୍ୟଜାତି ପୃଥିବୀରେ ପ୍ରତିଷ୍ଠା ହୋଇ ଅଛନ୍ତି, ସେହିପରି ମନୁଷ୍ୟଜାତି ଥିବା ସତ୍ତ୍ୱେ ଅତିମାନବ ଜାତି ଏହି ପୃଥିବୀରେ ପ୍ରତିଷ୍ଠା ହେବେ ।

ଏହି ଯୋଗ ଦ୍ୱାରା ପୃଥିବୀରେ ଅତିମାନସ ଚେତନା ଏବଂ ଅତିମାନବ ଜାତି ପ୍ରତିଷ୍ଠା ହେଉଥିବାରୁ ବିଶ୍ୱପ୍ରକୃତିର ରୂପାନ୍ତର ଅନିବାର୍ଯ୍ୟ । ବିଶ୍ୱପ୍ରକୃତିର ରୂପାନ୍ତର ହେଉଥିବାରୁ ଏହି ଯୋଗର ସାଧନା ବ୍ୟକ୍ତିଗତ ନୁହେଁ, ସାମୂହିକ । ଏହି କାରଣରୁ ଜଣେ ବ୍ୟକ୍ତିଙ୍କ ସାଧନାରେ ରୂପାନ୍ତର ସିଦ୍ଧି ହେବା ସମ୍ଭବ ନୁହେଁ । ବହୁତ ସଂଖ୍ୟାରେ ସାଧକ ଆବଶ୍ୟକ । ଏହାର ମାଧ୍ୟମ ହେବ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ରସମାଜ, ସାଧନାଳୟ ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ଏହିସବୁ ସ୍ଥାନରେ ସାଧକମାନେ ଏକତ୍ରିତ ହୋଇ କର୍ମକୁ ସାଧନାରୂପେ ଗ୍ରହଣ କରିବେ, ମା'ଙ୍କ ଚରଣରେ ସମର୍ପଣ କରିବେ । ଏହି ଯୋଗରେ ଏହିସବୁ ସଂସ୍ଥା ପ୍ରତିଷ୍ଠା କରିବା ତଥା ଏହିସବୁ ସଂସ୍ଥାରେ ସାମୂହିକ କର୍ମ କରିବା ଏହି ଯୋଗର ଲକ୍ଷ୍ୟପ୍ରାପ୍ତିର ଅନିବାର୍ଯ୍ୟ ସାଧନା । କିନ୍ତୁ ସାଧକମାନଙ୍କର ଭିନ୍ନ ଭିନ୍ନ ସ୍ୱଭାବ ଥିବା ସତ୍ତ୍ୱେ ସାମୂହିକ କର୍ମରେ ସାମଞ୍ଜସ୍ୟ ରକ୍ଷା କରିବା – ଏହି ଯୋଗରେ ନିଜ ସାଧନାର ଦୃଢ଼ ଆଧାର ଅଥବା ଭିତ୍ତି । ସାଧକ ସାଧନାର ଆରମ୍ଭରୁ ଏତିକି କରିପାରିଲେ ଗଜରୂପ ନିଜ ଅହଂ ଉପରେ ଅଙ୍କୁଶ ରଖି ପାରିବେ । ମା'ଙ୍କ କୃପାରୁ ଦୁରୂହ ରୂପାନ୍ତର ସାଧନା ସେମାନଙ୍କ ସକାଶେ ଅତ୍ୟନ୍ତ ସରଳ ହୋଇପାରିବ । କିନ୍ତୁ ଆମ୍ଭେମାନେ ଏହି ରହସ୍ୟ ହୃଦୟଙ୍ଗମ କରି ନ ଥିବା ଯୋଗୁଁ ପରସ୍ପର ମଧ୍ୟରେ ସଂଘର୍ଷ ହୁଏ ଯାହା ଦ୍ୱାରା ନିଜ ସାଧନାର ଉନ୍ନତି ମାର୍ଗରେ ପାହାଡ଼ ସଦୃଶ ବାଧାକୁ ଛିଡ଼ା କରି ଦିଆ ହୁଏ । ସାଧକ ସାଧନାମାର୍ଗରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ନିଜକୁ ମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ ଦୃଢ଼

ସଂକଳ୍ପ କରି ତାଙ୍କର ନାମଜପ କଲେ ତାଙ୍କରି କୃପାରୁ ସେ ଏହି ରହସ୍ୟ ବୁଝିପାରନ୍ତି ଏବଂ କୌଣସି ପ୍ରକାର ପ୍ରତିକୂଳ ଅବସ୍ଥାରେ ବି ପ୍ରତିବାଦ ନ କରି ଶାନ୍ତ ସ୍ଥିର ରହି ସାଧନାରେ ଲାଗି ରୁହନ୍ତି ।

## ଅସାମଞ୍ଜସ୍ୟର କାରଣ

ସାଧକ ସାଧନାରେ ପ୍ରବେଶ କରିବା ମାତ୍ରେ ତାଙ୍କର ମନ, ପ୍ରାଣ, ଶରୀର ଏବଂ ତା'ର ଗୁଣଧର୍ମ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହାଦି ରିପୁ ରୂପାନ୍ତର ହୋଇ ନ ଥା'ନ୍ତି । ପୂର୍ଣ୍ଣ ରୂପାନ୍ତର ହେବା ସକାଶେ ବହୁତ ବର୍ଷ ଲାଗିପାରେ, କିନ୍ତୁ ସାଧକ ସାଧନା ଆରମ୍ଭ କରନ୍ତି ଦୋଷତ୍ରୁଟି ଥିବା ମାନସିକ ଚେତନାରେ ବାସ କରୁଥିବା ଅବସ୍ଥାରେ । ମାନସିକ ଚେତନାର ଅର୍ଦ୍ଧଜ୍ଞାନ ଥାଏ । ତା'ର ଜ୍ଞାନ ପୂର୍ଣ୍ଣ ନ ଥିବା ଯୋଗୁଁ ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ, ଦୃଷ୍ଟିକୋଣ, ଭିନ୍ନ ଭିନ୍ନ ହୋଇଥାଏ । ଗୋଟିଏ ବସ୍ତୁକୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଚେତନା ଅନୁସାରେ ଭିନ୍ନ ଭିନ୍ନ ଭାବରେ ବିଚାର କରନ୍ତି ଏବଂ ନିଜ ନିଜ ଧାରଣା ଅନୁସାରେ ନିଜ ବିଚାର ଠିକ୍, ଅନ୍ୟ ବିଚାର ଭୁଲ୍ ବୋଲି ବିଶ୍ୱାସ କରନ୍ତି । ଏହି ବିଭେଦ ବିଚାର ଯୋଗୁଁ କାହାରି ସହିତ କାହାରି ସାମଞ୍ଜସ୍ୟ ରହେ ନାହିଁ ।

ଅନ୍ୟ କାରଣ ହେଲା ମାନସିକ ଚେତନାରେ ଥାଇ ବ୍ୟକ୍ତି ନୈତିକତା ଅନୁସାରେ ଯଥାର୍ଥ ଅଯଥାର୍ଥ, ନ୍ୟାୟ ଅନ୍ୟାୟ ବିଚାର କରନ୍ତି । ସତ୍ୟଦୃଷ୍ଟି ଅନୁସାରେ କେଉଁଟି ସତ୍ୟ, କେଉଁଟି ଅସତ୍ୟ, କେଉଁଟି ନ୍ୟାୟ, କେଉଁଟି ଅନ୍ୟାୟ, ତାହା ଠିକ୍ ବୁଝିପାରନ୍ତି ନାହିଁ । ବ୍ୟକ୍ତିର ସ୍ୱଭାବ ଅନୁସାରେ ତାଙ୍କ ସହିତ ବ୍ୟବହାର ବି କରିପାରନ୍ତି ନାହିଁ କିଂବା ସାମଞ୍ଜସ୍ୟ ପ୍ରତିଷ୍ଠା କରିପାରନ୍ତି ନାହିଁ । ଯେଉଁ କାର୍ଯ୍ୟରେ ସାମଞ୍ଜସ୍ୟ ପ୍ରତିଷ୍ଠା ହୁଏ, ଜୀବନର ଯଥାର୍ଥ ଉନ୍ନତି ହୁଏ ତାହା ସାମାଜିକ ତଥା ନୈତିକ ଦୃଷ୍ଟିକୋଣରୁ ଅନ୍ୟାୟ ପ୍ରତୀତ ହେଉଥିଲେ ମଧ୍ୟ ତାହା ଯଥାର୍ଥ ଏବଂ ନ୍ୟାୟ । ଯେଉଁ ବ୍ୟବହାର, ଯେଉଁ କାର୍ଯ୍ୟ ଦ୍ୱାରା ବିଭେଦ ସୃଷ୍ଟି ହୁଏ, ଅଧ୍ୟାତ୍ମ ଉନ୍ନତିରେ ବାଧାପ୍ରାପ୍ତ ହୁଏ, ତାହା ଅନ୍ୟାୟ । ବ୍ୟକ୍ତି ଆଧ୍ୟାତ୍ମିକ ସତ୍ୟ ଚେତନା ପ୍ରାପ୍ତ ନ ହେଲେ ଏହି ରହସ୍ୟ ବୁଝି ପାରନ୍ତି ନାହିଁ ।

ଏହି କାରଣରୁ ପରିବାର, ସମାଜ ତଥା ସଂସାରରେ ଏବଂ ଅଧ୍ୟାତ୍ମ ସଂସ୍ଥାମାନଙ୍କରେ ସଂଘର୍ଷ ହୁଏ । ଅଧ୍ୟାତ୍ମ ମାର୍ଗରେ ସାଧକ ଯେପର୍ଯ୍ୟନ୍ତ ମାନସିକ ଚେତନାକୁ ଅତିକ୍ରମ କରି ଅଧ୍ୟାତ୍ମ ଦୃଷ୍ଟିକୋଣରେ ପରିସ୍ଥିତି ତଥା ବସ୍ତୁ ଏବଂ ଘଟଣାକୁ ବିଚାର ନ କରନ୍ତି ସେପର୍ଯ୍ୟନ୍ତ ସଂଘର୍ଷ ହେବାର ରାସ୍ତା ଉନ୍ମୁକ୍ତ ଥାଏ ।

ସାଧନା ଆରମ୍ଭରୁ ପ୍ରତ୍ୟେକ ସାଧକଙ୍କୁ ଅଧ୍ୟାତ୍ମ ଦୃଷ୍ଟି ପ୍ରାପ୍ତ ହୁଏ ନାହିଁ କିଂବା ସେ ମନର ଊର୍ଦ୍ଧ୍ୱ ଚେତନାରେ ବିଚାର କରିପାରନ୍ତି ନାହିଁ । ସାଧନା ଆରମ୍ଭ କରନ୍ତି ତଥା ସାମୂହିକ କର୍ମ କରନ୍ତି ତାଙ୍କ ମଧ୍ୟରେ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ବିରୋଧାଦି ଦୋଷତ୍ରୁଟି ଥିବା ଅବସ୍ଥାରେ । ସାଧନାର ଏହି ଆରମ୍ଭିକ ଅବସ୍ଥାରେ ସାଧକ ଯଦି ଛୋଟ ଶିଶୁ ସଦୃଶ ମା'ଙ୍କ ଚରଣରେ ନିଜକୁ ଅର୍ପଣ କରି 'ମା' ଏହି ନାମ ସବୁ ସମୟରେ ଦୃଢ଼ ସଂକଳ୍ପ ସହ ଜପ କରନ୍ତି, ତେବେ ମା'ଙ୍କ କୃପାରୁ ତଥା ନାମର ପ୍ରଭାବରୁ ସାଧକଙ୍କ ବୁଦ୍ଧିରେ ପ୍ରକାଶ ଆସେ । ତେବେ ସେ ମା'ଙ୍କ କାର୍ଯ୍ୟ ନିଜର ସାଧନା ବୋଲି ହୃଦୟଙ୍ଗମ କରିପାରନ୍ତି । ମା'ଙ୍କ କାର୍ଯ୍ୟ ଦ୍ୱାରା ଜଗତରେ ଅତିମାନସ ଶକ୍ତିର ପ୍ରଭାବ ବିସ୍ତାର ହେବ । ଏହା ଦ୍ୱାରା ବହୁତ ବ୍ୟକ୍ତି ରୂପାନ୍ତରକାରିଣୀ ଅତିମାନସ ଶକ୍ତି ସମ୍ବନ୍ଧେ ସଚେତ ହେବେ ଏବଂ ଯୋଗ ଗ୍ରହଣ କରିବେ । ସାଧକମାନଙ୍କ ମଧ୍ୟଦେଇ ଅତିମାନସ ଶକ୍ତି ଦ୍ୱାରା ଜାଗତିକ ଅନ୍ଧକାର ଶକ୍ତିର ରୂପାନ୍ତର ହେବ । କାରଣ ବ୍ୟକ୍ତିର ମନ-ପ୍ରାଣ-ଶରୀର-ତତ୍ତ୍ୱ ଆସିଛି ବିଶ୍ୱରୁ ତଥା ତା' ସହିତ ସମ୍ବନ୍ଧ ମଧ୍ୟ ରହିଛି । ଅତିମାନସ ଶକ୍ତିର ଆଶ୍ରୟ ଯେତେ ଅଧିକ ବ୍ୟକ୍ତି ନେବେ ସେହି ଅନୁପାତରେ ଅଜ୍ଞାନ, ଅନ୍ଧକାର, ଅନ୍ୟାୟ ଶକ୍ତିର ପ୍ରଭାବ ଜଗତରୁ କମ୍ ହେବ । ଜଗତରୁ ଅନ୍ଧକାର ଶକ୍ତିର ହ୍ରାସ ଅନୁସାରେ ସାଧକମାନଙ୍କ ସାଧନାରେ ବି ବାଧା କମ୍ ହେଉଥିବ ।

ଏହି କାରଣରୁ ପାଠଚକ୍ର, ସାଧନାଳୟ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ତଥା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର ଏକାନ୍ତ ଆବଶ୍ୟକ । ସାଧକ ଏହି ରହସ୍ୟ ହୃଦୟଙ୍ଗମ କଲେ ଲକ୍ଷ୍ୟ ପ୍ରାପ୍ତିର ସାଧନାରୂପେ ମା'ଙ୍କର ଏହିସବୁ

କାର୍ଯ୍ୟକୁ ସର୍ବଶ୍ରେଷ୍ଠ ସ୍ଥାନ ଦିଅନ୍ତି; ନିଜକୁ ମା'ଙ୍କର ଆଶ୍ରିତ ବା ସେବକ ଅଥବା ଯନ୍ତ୍ର ବୋଲି ମାନି ନିଅନ୍ତି ଏବଂ ନିଜର ଅହଂ, ସ୍ୱାର୍ଥର କ୍ରିୟା ସମ୍ବନ୍ଧେ ସଚେତ ରହନ୍ତି ।

ସାଧକ ଏହିପରି ମନୋଭାବରେ କର୍ମ କରି ମା'ଙ୍କ ଚରଣରେ ସମର୍ପଣ କଲେ ମାନସ ଚେତନାକୁ ଅତିକ୍ରମ କରି ତା'ର ଊର୍ଦ୍ଧ୍ୱ ଚେତନାରେ ପହଞ୍ଚିବାର ସୁଯୋଗ ପାଆନ୍ତି; ପରିସ୍ଥିତି, ଘଟଣା ତଥା ବସ୍ତୁକୁ ମାନସିକ ନୈତିକତା ଦୃଷ୍ଟିରେ ବିଚାର ନ କରି ଆଧ୍ୟାତ୍ମିକ ଦୃଷ୍ଟିକୋଣରେ ଦେଖନ୍ତି ।

ଆଧ୍ୟାତ୍ମିକ ଦୃଷ୍ଟିକୋଣ ଏବଂ ମନର ଊର୍ଦ୍ଧ୍ୱ ଚେତନାର କାର୍ଯ୍ୟ ହେଲା – କୌଣସି ବ୍ୟକ୍ତି ପ୍ରତିକୂଳ କିଛି କହିଲେ ଅଥବା ପ୍ରତିକୂଳ ଆଚରଣ କଲେ କିଂବା କୌଣସି ପ୍ରକାର ଅପମାନ ଦେଲେ ତା'ର ପ୍ରତିବାଦ କରିବା ଦ୍ୱାରା ଯଦି ନିଜ ମଧ୍ୟରେ ରାଗ, ଦ୍ୱେଷ, ଈର୍ଷା, ବିରୋଧାଦି ଉତ୍ପନ୍ନ ହୁଏ ଏବଂ ମା'ଙ୍କ ସଂସ୍ଥାରେ ବାଧା ପ୍ରାପ୍ତ ହୁଏ ତେବେ ପ୍ରତିବାଦ କରିବା ଉଚିତ ନୁହେଁ, ତାହା ସହିନେବା ଉଚିତ ।

ସେହିପରି ନୈତିକ ପ୍ରଣାଳୀରେ ଯେଉଁ ପରିସ୍ଥିତି, ଯେଉଁ ଘଟଣା, ଯେଉଁ କର୍ମ ଅନୁଚିତ ବା ଅଯଥାର୍ଥ ପ୍ରତୀତ ହେଉଥିବ ତା'ର ପ୍ରତିବାଦରେ ଯଦି ମା'ଙ୍କ କାର୍ଯ୍ୟରେ ବାଧା ଆସିବ, ନିଜ ମଧ୍ୟରେ ଅହଂ, ସ୍ୱାର୍ଥ, ରାଗ, ଦ୍ୱେଷ, ବୈର, ବିରୋଧାଦି ଅନ୍ଧକାର ଶକ୍ତିର କ୍ରିୟା ହେବ, ତେବେ ସେ କ୍ଷେତ୍ରରେ ପ୍ରତିବାଦ କରିବା ଦ୍ୱାରା ଅନ୍ୟାୟ ଦୂର ହେବ ନାହିଁ, ସେ କାର୍ଯ୍ୟରେ ମଧ୍ୟ ପ୍ରତିବାଦ କରିବା ଯୁକ୍ତିସଙ୍ଗତ ନୁହେଁ ।

ସଂସାରରେ ଯେଉଁ ବ୍ୟକ୍ତି ଉତ୍ତମ କର୍ମ କରନ୍ତି, ଯେଉଁ କର୍ମ ଦ୍ୱାରା ଦେଶ, ସମାଜର ହିତ ହୁଏ, ସେ କାର୍ଯ୍ୟରେ ବାଧାବିଘ୍ନ, ମାନ ଅପମାନ, ନିନ୍ଦାସ୍ତୁତି ଆସେ । କିନ୍ତୁ ଏହି ମୃତ୍ୟୁପୁରୀରେ ପରାର୍ଦ୍ଧର ଅତିମାନସ ଚେତନାଯୁକ୍ତ ଅତିମାନବ ଜାତି ପ୍ରତିଷ୍ଠା ହେବ, ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ, ସଂସାରରୁ ଦୁଃଖକଷ୍ଟ, ଅନ୍ୟାୟ, ଅସତ୍ୟ ଦୂର ହେବ – ଏହି ମହାନ୍ କାର୍ଯ୍ୟସାଧନାରେ ଯେଉଁ ସାଧକ ଅଂଶ ଗ୍ରହଣ କରିବେ, ଏହି ସତ୍ୟ ପ୍ରଚାରର ସଂସ୍ଥାମାନଙ୍କରେ ଯେଉଁମାନେ କାର୍ଯ୍ୟ କରିବେ, ସେମାନେ ବାଧାବିଘ୍ନ, ମାନ-ଅପମାନରୁ କଦାପି ରକ୍ଷା ପାଇପାରିବେ ନାହିଁ । ସେମାନେ ନିଜ ଲକ୍ଷ୍ୟକୁ ସମ୍ମୁଖରେ ରଖି ଦୁଃଖକଷ୍ଟ, ମାନ ଅପମାନକୁ ପରୁଆ ନ କରି, ମା'ଙ୍କ ଆଶ୍ରୟରେ ସେସବୁକୁ ମା'ଙ୍କ ଚରଣରେ ସମର୍ପଣ କରି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବେ । ମାନ ଅପମାନରେ ପ୍ରଭାବିତ ହୁଏ ନିଜର ଅହଂ । ଅହଂ ହେଉଛି ସାଧନା ତଥା ସାଧନାରୂପ ମା'ଙ୍କ କାର୍ଯ୍ୟରେ ମହାନ୍ ବାଧକ । ମାନ ଅପମାନକୁ ଅତିକ୍ରମ କରିବା ଅର୍ଥ ନିଜର ଅହଂକୁ ଅତିକ୍ରମ କରିବା । ଏହା କରିପାରିଲେ ସାଧନାରେ ଗୋଟାଏ ମହାନ୍ ପ୍ରଗତି ହେବ ।

ଯେଉଁମାନେ ଅହଂ, ସ୍ୱାର୍ଥର ବଶ ହୋଇ ନାମଯଶ ସକାଶେ ମା'ଙ୍କ କାର୍ଯ୍ୟ କରନ୍ତି, ସେମାନେ ଅପମାନର ପ୍ରତିରୋଧ କର୍ମ କରନ୍ତି ଏବଂ ନାମଯଶ ପ୍ରାପ୍ତି ସକାଶେ ପ୍ରଯତ୍ନ କରନ୍ତି; ସେଥିରେ ମା'ଙ୍କ କାର୍ଯ୍ୟରେ ବାଧାପଡ଼େ । ସେମାନଙ୍କୁ ନାମଯଶ ମିଳେ ନାହିଁ । ନାମଯଶ ଚାହିଁଲେ ଛାଇ ପରି ସେ ଧରାଦିଏ ନାହିଁ; ତାକୁ ନ ଚାହିଁଲେ ପଛରେ ଗୋଡ଼ାଇ ଥାଏ ।

କେତେକ ସାଧକ ସାଧନା ଆରମ୍ଭ କରିବା ସମୟରେ ତାଙ୍କର ନାମଯଶର ଲାଳସା ଗୁପ୍ତରୂପେ ରହିଥାଏ । କିନ୍ତୁ ସେ ଯଦି ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଭରସା ରଖନ୍ତି ତେବେ ସେ ଅହଂ, ସ୍ୱାର୍ଥର ଛଦ୍ମବେଶକୁ ଚିହ୍ନି ପାରନ୍ତି । ନିଜ ମଧ୍ୟରେ ନାମଯଶ, ଅଧିକାର ଲାଳସା ଥିବା ସତ୍ତ୍ୱେ ତାକୁ କ୍ରିୟାରେ ପରିଣତ କରନ୍ତି ନାହିଁ । ଅର୍ଥାତ୍ ନାମଯଶ, ଅଧିକାର ମିଳିବା ସକାଶେ ନାନାପ୍ରକାର ଛଳ ଛଦ୍ମ ଉପାୟ କରନ୍ତି ନାହିଁ ।

## ଅନ୍ତରରୁ ମା'ଙ୍କ ପ୍ରେରଣା

ଯେଉଁମାନେ ମା'ଙ୍କ ସଂସ୍ଥାରେ ଆନ୍ତରିକତା ସହିତ ସମ୍ମିଳିତ ନ ଥା'ନ୍ତି ଅଥବା ସଂସ୍ଥାର ବାହାରେ ରହିଥାଆନ୍ତି, ସେମାନେ ମା'ଙ୍କ କାର୍ଯ୍ୟକୁ ନିଜ ସାଧନାରୂପେ ଗ୍ରହଣ କରି ଜୀବନରେ ଶ୍ରେଷ୍ଠ ସ୍ଥାନ ଦେଇ ନ ଥା'ନ୍ତି; କେବଳ ନିଜର ସୁବିଧା, ଅଧିକାର ତଥା ଅହଂକୁ ତୁଷ୍ଟି କରିବା ସକାଶେ କଳକୌଶଳେ ସଂସ୍ଥାକୁ ଅଧିକାର କରିବାକୁ ଚାହାନ୍ତି । ସେ

କାର୍ଯ୍ୟରେ ତାଙ୍କର ସ୍ୱାର୍ଥସିଦ୍ଧି, ଅହଂତୁଷ୍ଟି ନ ହେଲେ ସେ ସଂସ୍ଥାକୁ ନଷ୍ଟ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ଏପରି ବ୍ୟକ୍ତି ସହିତ ପରିସ୍ଥିତି ଅନୁସାରେ ବ୍ୟବହାର କରିବାକୁ ହେବ । ଉତ୍ତମ ପ୍ରଣାଳୀ ହେଲା ନିଜ ଅନ୍ତରରୁ ମା'ଙ୍କ ପ୍ରେରଣା ପାଇ ସେହି ଅନୁସାରେ କାର୍ଯ୍ୟ କରିବା । ସାଧକ ମଧ୍ୟରେ ଅହଂ, ସ୍ୱାର୍ଥ, କାମ, କ୍ରୋଧାଦି ଦୋଷ ଥିବା ସତ୍ତ୍ୱେ ସେ ଯଦି ଏସବୁକୁ କ୍ରିୟା କରିବାକୁ ନ ଦେଇ ମା'ଙ୍କ ଚରଣରେ ସମର୍ପଣ କରିବାକୁ ଅଭୀପ୍‌ସା କରନ୍ତି; ଜଟିଳ ପରିସ୍ଥିତିରେ ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଭରସା ରଖି ନିଜ ଅନ୍ତରରୁ ତାଙ୍କ ପ୍ରେରଣା ପାଇବା ସକାଶେ ତୀବ୍ର ଅଭୀପ୍‌ସା କରନ୍ତି, ତେବେ ନିଶ୍ଚୟ ମା'ଙ୍କ ପ୍ରେରଣା ପାଆନ୍ତି । ଅଭୀପ୍‌ସା ଏବଂ ବ୍ୟାକୁଳତା ଯେତେ ତୀବ୍ର ହେବ ସେତେ ଶୀଘ୍ର ଅନ୍ତରରୁ ମଧ୍ୟ ପ୍ରେରଣା ପାଇବେ । ଅଭୀପ୍‌ସା ଯଦି ଅତ୍ୟନ୍ତ ତୀବ୍ର ନ ଥାଏ ତେବେ ଅପେକ୍ଷା କରି ମା'ଙ୍କ ପ୍ରେରଣା ଚାହିଁଲେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ନିଶ୍ଚୟ ଆସେ । ସେହି ପ୍ରେରଣା ଅନୁସାରେ ସାଧକ କାର୍ଯ୍ୟ କରିବା ଉଚିତ । ସେ ସମୟରେ ଅନ୍ୟ ବିଚାର, ଅନ୍ୟ ଉପାୟକୁ ପ୍ରଶ୍ରୟ ଦେବେ ନାହିଁ । କାର୍ଯ୍ୟସିଦ୍ଧି ସକାଶେ ମନର ବିଚାର ଦ୍ୱାରା ଅନ୍ୟର ଆଶ୍ରୟ ନେଲେ ମା'ଙ୍କ ଆନ୍ତରିକ ପ୍ରେରଣା ମିଳିବାରେ ବାଧାପ୍ରାପ୍ତ ହୁଏ । ଅନ୍ତରରୁ ଯେଉଁ ପ୍ରେରଣା ଆସେ ତାହା ଅଭ୍ରାନ୍ତ, ଅସନ୍ଦିଗ୍ଧ ଥାଏ । ଅନ୍ୟ ଶକ୍ତିର ପ୍ରେରଣା ବୋଲି ସନ୍ଦେହ ହୁଏ ନାହିଁ ।

ବ୍ୟକ୍ତିର ଅହଂ, ସ୍ୱାର୍ଥ କ୍ରିୟାଶୀଳ ହେଲେ ମା'ଙ୍କ ରୂପରେ ବିରୋଧୀ ଶକ୍ତି ମଧ୍ୟ ନିଜ ଅନ୍ତରରେ ପ୍ରେରଣା ଦେଇ ପାରେ । କିନ୍ତୁ ସାଧକ ଛୋଟ ଶିଶୁ ସଦୃଶ ମା'ଙ୍କ ଚରଣରେ ଆଶ୍ରୟ ନେଇ 'ମା'– ଏହି ନାମ ସ୍ମରଣ କରୁଥିଲେ ବିରୋଧୀ ଶକ୍ତିର ପ୍ରେରଣା ଆସେ ନାହିଁ, ଆସିଲେ ସ୍ପଷ୍ଟ ଜଣା ପଡ଼ିଯାଏ ।

ଏହି ଦୁରୂହ ରୂପାନ୍ତର ଯୋଗର ନିରାପଦ ଓ ନିଷ୍କଣ୍ଟକ ମାର୍ଗ ହେଲା ମା'ଙ୍କ ଚରଣରେ ନିଜକୁ ସଂପୂର୍ଣ୍ଣରୂପେ ସମର୍ପଣ କରିଦେବା । ତାଙ୍କରି ଉପରେ ବିଶ୍ୱାସ ଭରସା ରଖି ପ୍ରାପ୍ତ ହୋଇଥିବା ତାଙ୍କରି କାର୍ଯ୍ୟକୁ ଆନ୍ତରିକ ନିଷ୍ଠା ସହ ସମ୍ପାଦନ କରିବା । ତାଙ୍କରି ନାମ ନିରନ୍ତର ଜପ କରିବା । ଏତିକି କଲେ ମା ତାଙ୍କ ସଂସ୍ଥାକୁ ରକ୍ଷା କରନ୍ତି । ସାଧକର ସମସ୍ତ ବାଧାବିଘ୍ନ, ବିରୋଧୀ ଶକ୍ତିର ଭୟଙ୍କର ଆକ୍ରମଣରୁ ତାଙ୍କୁ ରକ୍ଷା କରି ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି ।

## ରୂପାନ୍ତର କ୍ରିୟାରେ ଆକ୍ରମଣ

କେତେକ ସାଧକ ସାଧନା ଆରମ୍ଭ କରିବା ମାତ୍ରେ ଅଭୀପ୍‌ସା ତୀବ୍ର ହୁଏ । ଅନ୍ତରାତ୍ମା ଜାଗ୍ରତ ହୁଅନ୍ତି । ସାଧକକୁ ସାଧନାରେ ବହୁତ ଆନନ୍ଦ ମିଳେ । ଏହିପରି କିଛି କାଳ ଯିବା ପରେ ଭାଗବତୀ ଶକ୍ତି ସାଧକ ଆଧାରରେ ଅବତରଣ କରି ମନ-ପ୍ରାଣର ସୁପ୍ତ, ଅଶୁଦ୍ଧ ଭାଗକୁ ରୂପାନ୍ତର କରିବା ସକାଶେ ସ୍ପର୍ଶ କରନ୍ତି । ଭାଗବତୀ ଶକ୍ତିଙ୍କ ସ୍ପର୍ଶ ପାଇବା ମାତ୍ରେ ମନ-ପ୍ରାଣ-ଶରୀରର ହିଂସା, ଦ୍ୱେଷ, ଈର୍ଷା, ବିରୋଧ, କାମ, କ୍ରୋଧ, ଲୋଭ, ମୋହ, ହତାଶା, ନିରାଶା, ଜଡ଼ତା, ତାମସିକତା ଆଦି ରୂପାନ୍ତର ବିରୋଧରେ ଏକ ପରେ ଅନ୍ୟ ଆସି ଛିଡ଼ା ହୁଅନ୍ତି ତଥା ଅନ୍ତରାତ୍ମା ଏବଂ ମନ-ପ୍ରାଣ ମଧ୍ୟରେ ଏସବୁ ଆବରଣରୂପେ କ୍ରିୟା କରନ୍ତି । ଏସବୁକୁ ଯନ୍ତ୍ରରୂପେ ବ୍ୟବହାର କରନ୍ତି ବିରୋଧୀ ଶକ୍ତି । ଏସବୁ କେବେ ସାଧକର ନିଜ ସତ୍ତା ମଧ୍ୟରୁ ଆକ୍ରମଣ କରନ୍ତି, କେବେ ଅନ୍ୟ ବ୍ୟକ୍ତି, ଅନ୍ୟ ଘଟଣା ମଧ୍ୟଦେଇ ସାଧକଙ୍କୁ ଆକ୍ରମଣ କରନ୍ତି । ସାଧକ ସଚେତ ନ ଥିଲେ ଏସବୁର ଆକ୍ରମଣକୁ ଚିହ୍ନି ପାରନ୍ତି ନାହିଁ । ବ୍ୟକ୍ତି ଏବଂ ଘଟଣାକୁ କେନ୍ଦ୍ର କରି ପ୍ରତିବାଦ କରନ୍ତି । ଅର୍ଥାତ୍ ଏହାର ସମାଧାନ ବାହ୍ୟ ଉପାୟରେ ଚାହାନ୍ତି ଏବଂ ବ୍ୟକ୍ତି ତଥା ଘଟଣା ଏହାର କାରଣ ବୋଲି ମାନି ନିଅନ୍ତି । ଅର୍ଥାତ୍ ସେ ଭାବନ୍ତି, ''ଅମୁକ ବ୍ୟକ୍ତି ମୋ ପ୍ରତି ଅନ୍ୟାୟ କଲା ।'' କେବଳ ବାହ୍ୟ ଉପାୟରେ ତା'ର ପ୍ରତିରୋଧ କରିବାକୁ ଚାହାନ୍ତି ଅଥବା ''ଏହି ସ୍ଥାନରେ ଏପରି ଘଟୁଛି, ଏହି ସ୍ଥାନ ଛାଡ଼ି ଚାଲିଗଲେ ନିରାପଦ ହେବ'' ବୋଲି ମନେ କରନ୍ତି । ଏହିପରି ଧାରଣା ତଥା ଏହିପରି ଉପାୟ ସାଧକ ଯେପର୍ଯ୍ୟନ୍ତ କରୁଥିବେ ସେପର୍ଯ୍ୟନ୍ତ ବିରୋଧୀ ଶକ୍ତିର ଆକ୍ରମଣ ବଢୁଥିବ । ସାଧକ ସଚେତନ ନ ହେଲେ କେବେ କେବେ ବିରୋଧୀ ଶକ୍ତି ସାଧକଙ୍କୁ ସାଧନା-ମାର୍ଗରୁ, ଅନ୍ତତଃ ପକ୍ଷେ କିଛି କାଳ ପର୍ଯ୍ୟନ୍ତ ଟାଣିନେଇ ପାରିବେ ।

ସାଧକଙ୍କ ବୁଦ୍ଧିରେ ଭାଗବତୀ ଶକ୍ତିର ଅଥବା ଅନ୍ତରାତ୍ମାର ପ୍ରକାଶ ପଡ଼ିଥିଲେ, ଘଟୁଥିବା ବାଧାବିଘ୍ନର କାରଣ ବ୍ୟକ୍ତି ବା ସ୍ଥାନ ଅଥବା ଘଟଣା ବୋଲି ସାଧକ ଭାବନ୍ତି ନାହିଁ । ସେ ସ୍ପଷ୍ଟଭାବେ ବୁଝିପାରନ୍ତି, ''ନିଜ ମନ-ପ୍ରାଣ-ଶରୀର ଦୁର୍ବଳ ଥିବାରୁ ବାହ୍ୟ ଆକ୍ରମଣକୁ ସେମାନେ ପ୍ରଶ୍ରୟ ଦେଉଛନ୍ତି ।'' ଅର୍ଥାତ୍ ଜଣେ ଅନ୍ୟାୟରେ ବା ନ୍ୟାୟରେ କଟୁବଚନ କହିଲେ ଆମ ପ୍ରାଣ ଯଦି ଦୃଢ଼ ହୋଇଥାଆନ୍ତା ତେବେ ତା'ରି ଦ୍ୱାରା ବିକ୍ଷୋଭକୁ ପ୍ରାପ୍ତ ହୁଅନ୍ତା ନାହିଁ । ''ମୋର ଏହି ଦୁର୍ବଳ ସତ୍ତାର ରୂପାନ୍ତର ସକାଶେହିଁ ଏହି ବାହ୍ୟ ଆକ୍ରମଣ ହୋଇଅଛି, ଏହାକୁ ଭାଗବତୀ ଶକ୍ତି ମଧ୍ୟ ପ୍ରତିରୋଧ କରି ନାହାନ୍ତି ।''— ଏହା ଜାଣି ସାଧକ ଶାନ୍ତ, ନୀରବ ରହି ନିଜ ଭିତରେ ପ୍ରତିକ୍ରିୟା ହେବାକୁ ନ ଦେବା ସକାଶେ ଚେଷ୍ଟା କରିବେ ଏବଂ ଏହି ଅଶୁଦ୍ଧ ସତ୍ତାକୁ ମା'ଙ୍କ ଚରଣରେ ସମର୍ପଣ କରିବେ । ଏହିପରି କରିବା ଦ୍ୱାରା ବିରୋଧୀ ଶକ୍ତିର ଆକ୍ରମଣର ବଳ ଅଧିକ କମିଯାଏ; ସାଧକଙ୍କର ମାତୃଶକ୍ତି ପ୍ରତି ବିଶ୍ୱାସ, ନିର୍ଭରତା ବଢ଼େ ଏବଂ ସେ ଉତ୍ସାହ ସହିତ ସମର୍ପଣ କରନ୍ତି । ସାଧନାରେ ଏହି ଜାଗୃତି ଆସିବାରେ ବହୁତ ସମୟ ଲାଗେ । କିନ୍ତୁ 'ମା'— ଏହି ନାମଜପ କଲେ ଅପେକ୍ଷାକୃତ କମ୍ ସମୟରେ ସାଧକଙ୍କର ମନ-ପ୍ରାଣ-ଶରୀର ଶୁଦ୍ଧ ହୁଅନ୍ତି ଏବଂ ଅନ୍ତରାତ୍ମା ଜାଗ୍ରତ ହୁଅନ୍ତି; ମାତୃଶକ୍ତି ଅବତରଣ କରି ସାଧକଙ୍କ ଆଧାରରେ ରୂପାନ୍ତର କ୍ରିୟା କରନ୍ତି । ଅନ୍ତରାତ୍ମା ତଥା ଭାଗବତୀ ଶକ୍ତିଙ୍କ ଆଲୋକରେ ସାଧକଙ୍କ ବୁଦ୍ଧି ପ୍ରକାଶିତ ହେଲେ ବିରୋଧୀଶକ୍ତିଙ୍କର ଏହି କୌଶଳକୁ ସେ ସହଜରେ ବୁଝିପାରନ୍ତି ଏବଂ ମାନସିକ ଚେତନା ସ୍ତରକୁ ଅତିକ୍ରମ କରି ଊର୍ଦ୍ଧ୍ୱ ଚେତନା ସ୍ତରକୁ ଆରୋହଣ କରନ୍ତି । ସାଧନା-ମାର୍ଗରେ ସାଧକଙ୍କୁ ବିରୋଧୀ ଶକ୍ତି ବହୁ ପ୍ରକାରେ ଆକ୍ରମଣ କରନ୍ତି; ବହୁ ପ୍ରକାର ରୋଗ ଦେଖା ଦିଅନ୍ତି, ମିତ୍ରମାନେ ଶତ୍ରୁ ସଦୃଶ ବ୍ୟବହାର କରୁଥିବା ସାଧକ ଭ୍ରାନ୍ତ ଅନୁମାନ କରିପାରନ୍ତି କିଂବା ତାହା ସତ୍ୟ ବି ହୋଇ ପାରିଥାଏ । ସେସମୟରେ ସାଧକଙ୍କୁ ଚତୁର୍ଦିଗ ଅନ୍ଧକାର ଦେଖାଯାଏ । ଅଳ୍ପ ସମୟ ସକାଶେ ସାଧକଙ୍କୁ ଜୀବନ ତଥା ଯୋଗ ପ୍ରତି ବିତୃଷ୍ଣା ଆସି ପାରେ । ସେତେବେଳେ ହତାଶା, ନିରାଶା, ଭୟ, କାତରତାରେ ସାଧକଙ୍କର ବୁଦ୍ଧି ଭ୍ରମ ହୋଇଯାଏ । କିନ୍ତୁ ସେ ଯଦି 'ମା'— ଏହି ନାମର ଆଶ୍ରୟ ନେଇଥା'ନ୍ତି ତେବେ ସେ ମହାନ୍ ଆକ୍ରମଣରେ ବି ବିଚଳିତ ନ ହୋଇ ବସି ମା'ଙ୍କ ନାମ ସ୍ମରଣ କରନ୍ତି । ଯଦି ଦୃଢ଼ ନିଷ୍ଠା ବିଶ୍ୱାସ ସହିତ ନାମ ସ୍ମରଣ କରାହୁଏ, ତେବେ ମାତ୍ର ଗୋଟିଏ ମିନିଟ୍‌ରେ ମାତୃଶକ୍ତିଙ୍କର ପ୍ରକାଶ ହୁଏ । ସବୁପ୍ରକାର ଅନ୍ଧକାର, ହତାଶା, ନିରାଶା ଦୂର ହୁଏ । ତାଙ୍କର ଦୁଇଗୁଣ ଭଗବତ୍ ବିଶ୍ୱାସ, ଆସ୍ଥା, ନାମ ପ୍ରତି ଶ୍ରଦ୍ଧା, ଆଗ୍ରହ ବଢ଼େ । ଭବିଷ୍ୟତ୍ ଆକ୍ରମଣକୁ ଭୟ ରହେ ନାହିଁ । ବାଧାବିଘ୍ନ ଆସୁଥିବା ସତ୍ତ୍ୱେ ସାଧକ ମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ଆନନ୍ଦରେ ଯୋଗମାର୍ଗରେ ଅଗ୍ରସର ହୁଅନ୍ତି । ସାଧନା ଆରମ୍ଭରୁ ସମର୍ପଣ ତଥା 'ମା'— ନାମଜପ ଦୃଢ଼ ଅଭେଦ୍ୟ କବଚରୂପେ ସାଧକକୁ ସବୁ ପ୍ରକାର ବାଧାବିପତ୍ତିରୁ ରକ୍ଷା କରନ୍ତି ।

ସାଧକର ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତିରେ ବାଧା ଦିଅନ୍ତି ନିଜ ମନ, ପ୍ରାଣ ତଥା ଶରୀରର ଗୁଣଧର୍ମ — ଆଳସ୍ୟ, ନିଦ୍ରା, ତମସ୍, କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ, ଈର୍ଷା, ବିରୋଧ ଇତ୍ୟାଦି । ସୃଷ୍ଟି ଆରମ୍ଭରୁ ଏସବୁ ସ୍ୱତନ୍ତ୍ରରୂପେ ନିଜ ନିଜ ଗୁଣଧର୍ମ ଅନୁସାରେ କ୍ରିୟା କରି ଆସୁଥିଲେ । ମନୁଷ୍ୟର ବୁଦ୍ଧି ହେବାରୁ କେତେକ ସ୍ଥଳରେ, କେତେକ ପରିସ୍ଥିତିରେ ଲୋକଦୃଷ୍ଟିରେ ସଂଯତରେ ରହିଲେ, କିନ୍ତୁ ଅଧିକ ଭାଗ ବୁଦ୍ଧିକୁ ଯନ୍ତ୍ର କରି ଲୋକଦୃଷ୍ଟିର ପଶ୍ଚାତରେ ନିଜ ନିଜ ଉଦ୍ଦେଶ୍ୟ ସାଧନ କଲେ । ଏସବୁ ଉଚ୍ଚତର ଶକ୍ତିର ଶାସନରେ ରହି ନିଜ ନିଜ ଗୁଣଧର୍ମକୁ ପରିବର୍ତ୍ତନ କରିବାକୁ ଚାହାନ୍ତି ନାହିଁ । ସାଧକ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହେଲେ ଏସବୁ ବାଧା ଦେବାରେ ପୂର୍ଣ୍ଣ ଶକ୍ତି ପ୍ରୟୋଗ କରନ୍ତି ଏବଂ ସାଧକକୁ ଅଧ୍ୟାତ୍ମ ମାର୍ଗରୁ ଟାଣି ନେବାକୁ କଳେ ବଳେ କୌଶଳେ ସତତ ଚେଷ୍ଟା କରୁଥାଆନ୍ତି । ସୁଯୋଗ ପାଇ ଆସୁରିକ ଶକ୍ତି ମଧ୍ୟ ଏସବୁକୁ ଯନ୍ତ୍ର କରି ସାଧକକୁ ଆକ୍ରମଣ କରନ୍ତି । ଏସବୁ ଅତ୍ୟନ୍ତ ପ୍ରବଳ ଥିବାରୁ ସମସ୍ତ ପୁରାତନ ଯୋଗୀ ଏସବୁଠାରୁ ଆତ୍ମାକୁ ପୃଥକ୍ କରି ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କଲେ । ଏସବୁ ସହିତ ଯୁଦ୍ଧରେ ବିଜୟ ପ୍ରାପ୍ତ କରିବା ସମ୍ଭବ ନ ଦେଖି ଏସବୁ ଯେପରି ଥିଲେ ସେହିପରି ଛାଡ଼ି ଚାଲିଗଲେ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀର ତଥା ଏସବୁର ଗୁଣଧର୍ମ ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବେ, ଯାହା ଫଳରେ ଏହି ମୃତ୍ୟୁପୁରୀରେ ଦିବ୍ୟସ୍ୱର୍ଗ ପ୍ରତିଷ୍ଠା ହେବ । ଏସବୁ ଆଜି ପର୍ଯ୍ୟନ୍ତ ଯଦ୍ୟପି ଅଜେୟ ଥିଲେ

କିନ୍ତୁ ଅତିମାନସ ଶକ୍ତି ସମ୍ମୁଖରେ ଆଉ ଅଜେୟ ହୋଇ ରହିପାରିବେ ନାହିଁ । ଅତିମାନସ ଶକ୍ତି ଦ୍ୱାରା ଏସବୁ ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବେ । ଏସବୁ ରୂପାନ୍ତରିତ ହେବାକୁ ଚାହାନ୍ତି ନାହିଁ । ସେ ସକାଶେ ସାଧକକୁ ଲକ୍ଷ୍ୟମାର୍ଗରୁ ଫେରାଇ ଆଣିବା ସକାଶେ ସର୍ବଦା ସଜାଗ ସଚେଷ୍ଟ ରହି ଆକ୍ରମଣ କରୁଥାଆନ୍ତି । ସାଧକର ନିଜ ଶକ୍ତିଠାରୁ ଏସବୁ ବହୁଗୁଣରେ ଶକ୍ତିଶାଳୀ ଏବଂ କୌଶଳୀ । ଯୁଦ୍ଧରେ ସାଧକ ନିଜ ଶକ୍ତିରେ ଏସବୁର ସମ୍ମୁଖୀନ ହେବା ସମ୍ଭବ ନୁହେଁ । ଏହି କାରଣରୁ ଏହି ଯୋଗର ସାଧକ ସାଧନା ଆରମ୍ଭରୁ ସାଧନା ଶେଷ ପର୍ଯ୍ୟନ୍ତ ମାତୃଶକ୍ତିର ପୂର୍ଣ୍ଣ ଆଶ୍ରୟରେ ରହନ୍ତି ଏବଂ 'ମା' ଏହି ନାମ ନିରନ୍ତର ଜପ ସହିତ ସଂପୂର୍ଣ୍ଣରୂପେ ସତତ ମାତୃଚରଣରେ ନିଜକୁ ସମର୍ପଣ କରନ୍ତି । ସାଧକର ସାଧନା ହେଉଛି ସବୁ ସମୟରେ ସଚେତନ ରହି ମାତୃଚରଣରେ ସମର୍ପଣ କରିବା । ସାଧକର ମନ-ପ୍ରାଣ-ଶରୀର ରୂପାନ୍ତର କରିବେ ଅତିମାନସ ମାତୃଶକ୍ତି । ଏହି କାରଣରୁ ସାଧକକୁ ସର୍ବଦା ସଚେତ ହୋଇ ନିଜର ମନ-ପ୍ରାଣ-ଶରୀରର ପ୍ରତିକୂଳ ଆବେଗ ଏବଂ କ୍ରିୟାରେ ସମ୍ମତି ନ ଦେଇ ଭାଗବତୀ ଶକ୍ତିଙ୍କ ଚରଣରେ ସମର୍ପଣ କରିବାକୁ ହେବ; ତେବେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରିବେ । ସାଧକ ସମର୍ପଣ ନ କଲେ ଅତିମାନସ ଶକ୍ତି ଜବରଦସ୍ତି ରୂପାନ୍ତର କରିବେ ନାହିଁ, କିନ୍ତୁ ସାଧକ ସମର୍ପଣ କରିବା ସକାଶେ ମାତୃଶକ୍ତିଙ୍କ ସାହାଯ୍ୟ ଚାହିଁଲେ ମାତୃଶକ୍ତି ସାହାଯ୍ୟ କରନ୍ତି ଏବଂ ସାହାଯ୍ୟ କରିବା ସକାଶେ ଅପେକ୍ଷା ମଧ୍ୟ କରି ରହିଥାଆନ୍ତି ।

ଶ୍ରୀଅରବିନ୍ଦ ତାଙ୍କ The Mother ଗ୍ରନ୍ଥର Chapter IIରେ ଉଲ୍ଲେଖ କରିଛନ୍ତି :

"In Yoga also it is the Divine who is the Sadhaka and the Sadhana; it is his Shakti with her light, power, knowledge, consciousness, Ananda, acting upon the Adhara and, when it is opened to her, pouring into it with these divine forces that makes the Sadhana possible. But so long as the lower nature is active the personal effort of the Sadhaka remains necessary."

''ପୂର୍ଣ୍ଣଯୋଗରେ ଭଗବାନ୍ ସାଧକ ଏବଂ ସାଧନା । ତାଙ୍କରି ଶକ୍ତି ଏବଂ ସେହି ଶକ୍ତିଙ୍କ ଜ୍ୟୋତି, ସାମର୍ଥ୍ୟ, ଜ୍ଞାନ, ଚେତନା, ଆନନ୍ଦ ସେହି ଆଧାରରେ କାର୍ଯ୍ୟ କରୁଥାଆନ୍ତି ଏବଂ ଆଧାର ଯେତେବେଳେ ସେସବୁ ପ୍ରତି ଉନ୍ମୁକ୍ତ ହୁଏ, ସେତେବେଳେ ତାହା ମଧ୍ୟରେ ସେ ସେହି ଦିବ୍ୟବସ୍ତୁକୁ ଢାଳି ଦିଅନ୍ତି ଯଦ୍ୱାରା ସାଧନା ସମ୍ଭବ ହୁଏ । କିନ୍ତୁ ନିମ୍ନ ପ୍ରକୃତି ଯେତେଦିନ ପର୍ଯ୍ୟନ୍ତ କ୍ରିୟାଶୀଳ ଥାଏ, ସେତେଦିନ ପର୍ଯ୍ୟନ୍ତ ସାଧକର ବ୍ୟକ୍ତିଗତ ପ୍ରଚେଷ୍ଟା ଆବଶ୍ୟକ ହୁଏ ।''

ପ୍ର : ଶ୍ରୀଅରବିନ୍ଦଙ୍କ ଯୋଗରେ ସବୁ ସ୍ଥାନରେ ଶ୍ରୀଅରବିନ୍ଦ କହିଛନ୍ତି, ''ଭାଗବତୀ ଶକ୍ତି ଅଥବା ଅତିମାନସ ମାତୃଶକ୍ତିହିଁ ସାଧକର ମନ-ପ୍ରାଣ-ଶରୀର ରୂପାନ୍ତର କରିବେ ।'' କିନ୍ତୁ ଏଠାରେ 'The Mother' ବହିର ଯେଉଁ ଅଂଶ ଉଦ୍ଧୃତ କରାହୋଇଛି ସେଥିରେ ଶ୍ରୀଅରବିନ୍ଦ କହିଛନ୍ତି, "The Divine is the Sadhaka and the Sadhana" ଏହା ବିପରୀତ ଉକ୍ତି ସଦୃଶ ମନେ ହେଉଛି । ଏହାର ଯଥାର୍ଥ ଅର୍ଥ କ'ଣ ?

ଉ : ଏହାର ଯଥାର୍ଥ ଅର୍ଥ ରହିଛି ସେହି ପରିଚ୍ଛେଦରେ । ପରିଚ୍ଛେଦଟି ପୂରା ପଢ଼ିଥିଲେ ସ୍ପଷ୍ଟଭାବେ ବୁଝି ପାରିଥାଆନ୍ତେ । ବହୁତ ସ୍ପଷ୍ଟରୂପେ କୁହାହୋଇଛି, ''ଏହି ଯୋଗରେ ଭଗବାନ୍ ସାଧକ ଏବଂ ସାଧନା ।'' କାରଣ ସେହି ଭଗବାନଙ୍କ ଶକ୍ତି, ଜ୍ୟୋତି, ସାମର୍ଥ୍ୟ, ଜ୍ଞାନ, ଚେତନା, ଆନନ୍ଦ ସାଧକର ଆଧାରରେ କାର୍ଯ୍ୟ କରୁଥାଆନ୍ତି । ଆଧାର ଯେତେବେଳେ ସେହିସବୁ ପ୍ରତି ଉନ୍ମୁକ୍ତ ହୁଅନ୍ତି ସେତେବେଳେ ସେସବୁ ମଧ୍ୟରେ ଭାଗବତୀ ଶକ୍ତି ସେହି ଦିବ୍ୟବସ୍ତୁକୁ ଢାଳି ଦିଅନ୍ତି । ଏହି ଦିବ୍ୟ ବସ୍ତୁ ଦ୍ୱାରା ସାଧନା ସମ୍ଭବ ହୁଏ । ଏହି ସାଧନା କାର୍ଯ୍ୟ ଭଗବାନଙ୍କ ଶକ୍ତି କରୁଥିବାରୁ ସାଧକ ଏବଂ ସାଧନା ଭଗବାନ୍ ବୋଲି ଶ୍ରୀଅରବିନ୍ଦ କହିଛନ୍ତି ।

ପ୍ର : ଏହି ଯୋଗରେ ମନ-ପ୍ରାଣ-ଶରୀରର ରୂପାନ୍ତର ହୁଏ । ସେ ସକାଶେ ମନ-ପ୍ରାଣ-ଶରୀର ଦ୍ୱାରା ହେଉଥିବା କର୍ମକୁ ସମର୍ପଣ କଲେ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରନ୍ତି । ପଢ଼ିବା ଦ୍ୱାରା ମନର ବିକାଶ ହୁଏ । ବିକଶିତ ମନ ରୂପାନ୍ତର ସକାଶେ ପ୍ରସ୍ତୁତ ହୁଏ । ଅତଏବ ସାଧକମାନେ ପଢ଼ିବା ଉଚିତ ବୋଲି ମନେକରେ ।

ଉ : ତୁମ ବିଚାର ଯଦି ଯଥାର୍ଥ ହୋଇଥାଆନ୍ତା ତେବେ ରୂପାନ୍ତର ଯୋଗର ପ୍ରତିପାଦକ ଶ୍ରୀଅରବିନ୍ଦ ଆଶ୍ରମ ଆରମ୍ଭରୁ ପ୍ରଥମରେ ସାଧକମାନଙ୍କ ପଢ଼ିବା ସକାଶେ ଭିନ୍ନ ଭିନ୍ନ ବିଦ୍ୟାର ସ୍କୁଲ ପ୍ରତିଷ୍ଠା କରିଥାଆନ୍ତେ । ଶ୍ରୀଅରବିନ୍ଦ ଯଦ୍ୟପି ଆସିଥିଲେ ୧୯୧୦ରେ ତଥାପି ଆଶ୍ରମ ପ୍ରତିଷ୍ଠା ହେଲା ଶ୍ରୀମା'ଙ୍କ ଦ୍ୱିତୀୟ ଥର ଆଗମନ ୧୯୨୦ରେ । ଆଶ୍ରମରେ ସ୍କୁଲ୍ ପ୍ରତିଷ୍ଠା କଲେ ୧୯୪୨ରେ କେବଳ ବିଦ୍ୟାର୍ଥୀ ପିଲାଙ୍କ ସକାଶେ । ଆଜି ପର୍ଯ୍ୟନ୍ତ ବି ସାଧକମାନଙ୍କ ସକାଶେ ସ୍କୁଲ୍ ନିର୍ମାଣ କରାହୋଇ ନାହିଁ ।

ଆପଣଙ୍କର କହିବା ଅନୁସାରେ ଯଦି ମନର ବିକାଶ ସକାଶେ ପଢ଼ିବା ଆବଶ୍ୟକ, ତେବେ ପ୍ରାଣର ବିକାଶ ସକାଶେ ସଙ୍ଗୀତ, ନୃତ୍ୟ, କଳା, କାରୁକାର୍ଯ୍ୟ, ଚିତ୍ରାଙ୍କନ, ପ୍ରତିମା ନିର୍ମାଣ ଇତ୍ୟାଦି ବହୁତ କାର୍ଯ୍ୟ ଶିଖିବାକୁ ହେବ । ସାଧକକୁ ଏହିସବୁ କାର୍ଯ୍ୟ ଶିଖିବାକୁ ହେଲେ ଲକ୍ଷ୍ୟପ୍ରାପ୍ତିରେ ହଜାର ହଜାର ଜନ୍ମ ଲାଗିବ । ଏହା ହୁଏ କ୍ରମବିକାଶ ପଦ୍ଧତିରେ । ଯୋଗରେ ପତ୍ର ପତ୍ରରେ ଜଳ ସିଞ୍ଚା ହୁଏ ନାହିଁ; ଗଛ ମୂଳରେ ଜଳ ଦେଲେ ସମଗ୍ର ଗଛ ସଜୀବ ରହିବା ସଦୃଶ ମନ-ପ୍ରାଣ-ଶରୀରକୁ ସମର୍ପଣ କଲେ ତାହା ଅତିମାନସ ଶକ୍ତି ଦ୍ୱାରା ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତର ହୁଏ । ରୂପାନ୍ତର ହେଲେ ବ୍ୟକ୍ତି ଭଗବତ୍ ଚେତନାରେ ଏକତ୍ୱ ପ୍ରାପ୍ତ ହୁଏ । ସେଥିରେ କୌଣସି ଅଭାବ ବା କୌଣସି ଅପୂର୍ଣ୍ଣତା ରହେ ନାହିଁ । ସେହି ସକାଶେ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, ''ବିଦ୍ୟା ମଧ୍ୟରେ ଅଧ୍ୟାତ୍ମ ବିଦ୍ୟା ମୁଁ'', ଯେଉଁ ଅଧ୍ୟାତ୍ମ ବିଦ୍ୟା ଜାଣିଲେ ଆଉ କିଛି ବି ଜାଣିବା ବାକି ରହେ ନାହିଁ । ଅତଏବ ରୂପାନ୍ତର ସକାଶେ ପଢ଼ିବା ଦରକାର ହୁଏ ନାହିଁ । କେବଳ ନାମଜପ ଏବଂ ସମର୍ପଣ ଦ୍ୱାରାହିଁ ଅତିମାନସ ଶକ୍ତି ରୂପାନ୍ତର କାର୍ଯ୍ୟ କରନ୍ତି । ଏହି କାରଣରୁ ଏ ଯୋଗରେ ନାମଜପ, ସମର୍ପଣ, ଅଭୀପ୍ସା କରିବାକୁ ହୁଏ ।

ପ୍ର : କର୍ମ-ସମର୍ପଣ କୁହା ହୋଇଅଛି । ପଢ଼ିବା ବି କର୍ମ । ପଢ଼ିବାକୁ ସମର୍ପଣ କଲେ ସେହି ସମର୍ପଣ ଦ୍ୱାରାହିଁ ଅତିମାନସ ଶକ୍ତି ରୂପାନ୍ତର କରିବେ ।

ଉ : ଯଦି ପଢ଼ିବାକୁ କର୍ମ ମାନି ସମର୍ପଣ କରିବା କଥା କହୁଛନ୍ତି, ତେବେ ତ କର୍ମ ଦିଆ ହୋଇଛି, ସେହି କର୍ମ ସମର୍ପଣ କରନ୍ତୁ । ଯଦି ସେ କର୍ମ ଛାଡ଼ି ପଢୁଛନ୍ତି, କିଂବା କର୍ମରେ ତ୍ରୁଟି କରି ପଢୁଛନ୍ତି, ତେବେ ଉଭୟ କର୍ମ ମଧ୍ୟରେ ସମାନତା ବା ସାଧନା ଭାବ ରହୁ ନାହିଁ । ପଢ଼ିବାରେ ରହୁଛି ନିଜର ରୁଚି ବା ଆଗ୍ରହ । ଏହି ଆଗ୍ରହହିଁ ବାସନା ଏବଂ କାମନା । କାମନା ଏବଂ ଭଗବାନ୍ ଏକ ସଙ୍ଗେ ରହନ୍ତି ନାହିଁ – ଏହା ସ୍ପଷ୍ଟ । ପଢ଼ାରେ ଅଧିକ ରୁଚି ହେଲେ ପ୍ରାପ୍ତ ହୋଇଥିବା କର୍ମରେ ଅବହେଳା, ଶିଥିଳତା, ଅରୁଚି, ଅନାଗ୍ରହ ନିଶ୍ଚୟ ହୁଏ । କର୍ମରେ ଅନାଗ୍ରହ ହେବାର ଅର୍ଥ ଭଗବତ୍ ପ୍ରାପ୍ତି ସକାଶେ ନାମଜପ, ଅଭୀପ୍ସା ତଥା ସମର୍ପଣରେ ତୀବ୍ରତା ଏହି ଆଗ୍ରହ ରହିବ ନାହିଁ । ଆଗ୍ରହ ଦୁଇଟି ବସ୍ତୁରେ ହୁଏ ନାହିଁ । କର୍ମରେ ତ୍ରୁଟି ହେଲେ ସଂସ୍ଥାର କ୍ଷତି ହୁଏ । ସଂସ୍ଥା ଦ୍ୱାରା ମା'ଙ୍କ କାର୍ଯ୍ୟ ହେଉଥିବାରୁ ସଂସ୍ଥାର ତ୍ରୁଟି ହେବା ଅର୍ଥ ମା'ଙ୍କ କାର୍ଯ୍ୟରେ ତ୍ରୁଟି । ଏହି କାରଣରୁ ସଂସ୍ଥା ତରଫରୁ ଦିଆ ହୋଇଥିବା କର୍ମକୁ ଛାଡ଼ି ବା କର୍ମରେ ତ୍ରୁଟି କରି ପଢ଼ିବାରେ ଆଗ୍ରହ କରିବା ନିଶ୍ଚିତରୂପେ ସାଧନାର ପ୍ରତିକୂଳ ।

ଯଦି ପ୍ରାପ୍ତ ହୋଇଥିବା କର୍ମରେ କୌଣସି ପ୍ରକାର ତ୍ରୁଟି ନ କରି, ପଢ଼ିବା ପ୍ରତି ଟିକିଏ ବି ଆସକ୍ତି ନ ରଖି, ପଢ଼ିବାକୁ ଅଧିକ ମହତ୍ତ୍ୱ ନ ଦେଇ କେବଳ ଲକ୍ଷ୍ୟ ପ୍ରାପ୍ତିର ସାଧନାରୂପେ ପଢ଼ି ମା'ଙ୍କୁ ସମର୍ପଣ କରନ୍ତି ତେବେ ତାହା ଠିକ୍ ।

ପୂର୍ବେ କୁହାହୋଇଛି ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗରେ ସାଧନାର ଆରମ୍ଭିକ ଅବସ୍ଥାରୁ 'ମା'– ଏହି ନାମ ଜିହ୍ୱାରେ ନିରନ୍ତର ଜପ କରାଯାଇ ପାରେ । ଏହା ଦ୍ୱାରା ସାଧକର ସମସ୍ତ ସତ୍ତା ମା'ଙ୍କ ଚରଣରେ ସମର୍ପଣ ତଥା ଅଭୀପ୍ସା ବହୁତ ସହଜ ହୁଏ । ନିଜ ସତ୍ତାର ପ୍ରତିରୋଧ ଯୋଗୁଁ ତଥା ବିରୋଧୀ ଶକ୍ତିର ଆକ୍ରମଣରୁ ଆସୁଥିବା ନାନାପ୍ରକାର ବାଧା ଏବଂ ଛଦ୍ମରୂପକୁ ସାଧକ ଚିହ୍ନି ପାରନ୍ତି ଏବଂ ସେସବୁକୁ ମା'ଙ୍କ ଚରଣରେ ନିବେଦନ କରି ଦିଅନ୍ତି । ଅତଏବ ସାଧକ ସଜାଗ ସତର୍କ ହୋଇ ଦୃଢ଼ସଂକଳ୍ପପୂର୍ବକ ନିରନ୍ତର 'ମା'– ଏହି ନାମ ଜପ କରିବା ଉଚିତ । ଏକ କ୍ଷଣ ବି ନାମଜପ ବନ୍ଦ କରିବା ଉଚିତ ନୁହେଁ ।

## (୪)

## ନାମଜପର ପ୍ରଣାଳୀ

ଶୋଇବା ସମୟରେ ନିଦ ନ ଆସିବା ପର୍ଯ୍ୟନ୍ତ ତଥା ନିଦ୍ରା ଭାଙ୍ଗିବା ସଙ୍ଗେ ସଙ୍ଗେ ନାମଜପ କରିବେ । ଉଠି ମୁହଁ ଧୋଇବା, ଜଳ ପିଇବା, ଦାନ୍ତ ସଫା କରିବା, ମଳତ୍ୟାଗ କରିବା, ସ୍ନାନ କରିବା, ଲୁଗା ଧୋଇବା, ଭୋଜନ କରିବା, ଅନ୍ୟ ସଙ୍ଗେ କଥାବାର୍ତ୍ତା କରିବା ତଥା ଯେକୌଣସି କାର୍ଯ୍ୟ କରିବା ସମୟରେ ନାମଜପ ଅବିରାମ କରିବାକୁ ହେବ । ଏହା ସକାଶେ ଦୃଢ଼ ସଂକଳ୍ପବଦ୍ଧ ଏବଂ ସତତ ସତର୍କ ରହିବାକୁ ହେବ । ମୁଖ ଧୋଇବା ପୂର୍ବରୁ ସାବଧାନ ହେବେ । ସେସମୟରେ ଜିହ୍ୱା ଜପ କରିପାରିବ ନାହିଁ, ମନେ ମନେ ଜପ କରିବା ଉଚିତ । ଜଳ ପିଇବା ଏବଂ ଭୋଜନ କରିବା ପୂର୍ବରୁ 'ମା'– ନାମଜପ ବନ୍ଦ ନ ହେବାକୁ ସଜାଗ ହେବେ । ଜଳ ପିଇବା ସମୟରେ ଜିହ୍ୱା ଓ ଓଷ୍ଠ କ୍ରିୟାଶୀଳ ନ ହୋଇ 'ମା'– ନାମଜପ ଚାଲିବ; ସେହିପରି ଭୋଜନ ସମୟରେ । ଅନ୍ୟ ସଙ୍ଗେ କଥାବାର୍ତ୍ତା କରିବା ପୂର୍ବରୁ ସଚେତ ରହିବେ । ଅନ୍ୟ ବ୍ୟକ୍ତିଙ୍କର କଥା ଶୁଣିବା ସମୟରେ ମଧ ନାମଜପ ଚାଲିଥିବ । ନିଜକୁ କହିବାକୁ ହେଲେ ଯେତିକି ଆବଶ୍ୟକ କେବଳ ସେତିକି କହିବେ । କଥା ସମାପ୍ତ ହେବା ସଙ୍ଗେ ସଙ୍ଗେ ନାମଜପ ଚାଲିବ । କେବଳ ନାମଜପରେହିଁ ସବୁ ଶ୍ରେଣୀର ସାଧକ ସାଧନାର ଆରମ୍ଭରୁ ସଚେତ ହୋଇ ପାରନ୍ତି । ଅଭୀପ୍ସା ସହ ଜିହ୍ୱାରେ ନିରନ୍ତର ଜପ କରି ସାଧକ ମହାନ୍ ଦୁର୍ଦ୍ଧର୍ଷ ପ୍ରବଳ ଶତ୍ରୁ ଯାନ୍ତ୍ରିକ ବିଚାର କବଳରୁ ରକ୍ଷା ପାଇ ପାରନ୍ତି । ନାମଜପ ନିରନ୍ତର ହେବା ଉଚିତ । ନାମଜପ ସମସ୍ତ ପ୍ରକାର ଯୋଗ ସକାଶେ ମହାନ୍ ଉପଯୋଗୀ । ଏହି କାରଣରୁ ନାମଜପକୁ ସମସ୍ତ ପ୍ରକାର ସାଧନାରେ ବହୁତ ଉଚ୍ଚ ସ୍ଥାନ ଦିଆ ହୋଇଛି । କିନ୍ତୁ ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗରେ 'ମା'– ଏହି ନାମଜପ, ଅଭୀପ୍ସା, ସମର୍ପଣ ଛଡ଼ା ଅନ୍ୟ କୌଣସି ପ୍ରକାର ସାଧନା ସାହାଯ୍ୟ କରିପାରେ ନାହିଁ । କାରଣ ଏହି ଯୋଗରେ ସାଧକ ଏବଂ ସାଧନା ସ୍ୱୟଂ ମା । ମାତୃଶକ୍ତି ଛଡ଼ା ସାଧକର ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ସଂପୂର୍ଣ୍ଣ ଅସମ୍ଭବ । ଏହାର ସ୍ପଷ୍ଟ ପ୍ରମାଣ ହେଲା ଆଜିପର୍ଯ୍ୟନ୍ତ କୌଣସି ଯୋଗ, କୌଣସି ସାଧନା ଦ୍ୱାରା ସାଧକର ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହୋଇ ନାହିଁ କିଂବା ସେମାନେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ସଂପୂର୍ଣ୍ଣ ମୁକ୍ତ ହୋଇ ନାହାନ୍ତି । ସଂସାରରେ ଯେଉଁ ଅଜ୍ଞାନ, ଅସତ୍ୟ, ମିଥ୍ୟାଚାର ଥିଲା ତାହା କ୍ରମଶଃ ବଢୁଅଛି, କିନ୍ତୁ ସାଧକର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେଲେ ସଂସାରରୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର ଦୂର ହେବ । ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ ।

## 'ମା'– ନାମଜପର ପ୍ରଭାବ

ଶ୍ରୀଅରବିନ୍ଦ କହିଛନ୍ତି : ଏହି ଯୋଗର ମନ୍ତ୍ର, ମା – ଏହି ନାମ ଅଥବା ମୋ ନାମ ସହିତ ମା'ଙ୍କ ନାମ ।

ଶ୍ରୀମା କହିଛନ୍ତି – ''କେବଳ ଜପହିଁ ଶରୀର ଉପରେ ସିଧାସଳଖ କ୍ରିୟା କରିପାରେ ।'' ପୁଣି ମା କହିଛନ୍ତି – ସେ ଦଶ ବର୍ଷର ସାଧନା କେବଳ ଜପ ଦ୍ୱାରା ଅଳ୍ପ କେତେ ମାସରେ କରିଛନ୍ତି ।

ମନ୍ତ୍ରର ଅର୍ଥ ହେଉଛି – ସାଧନାର ଚାବି, ସାଧନାରେ ସିଦ୍ଧି, ବା ସାଧନା ଦ୍ୱାରା ଯେଉଁ ଇଷ୍ଟସିଦ୍ଧି ହେବ ସେହି ଇଷ୍ଟଙ୍କର ବାହ୍ୟ ରୂପ । ସେହି ନାମ ଦ୍ୱାରା ସାଧକ ନାମର ବିଗ୍ରହରୂପକୁ ଉପଲବ୍ଧି କରିପାରିବେ । ଏହି କାରଣରୁ ଇଷ୍ଟ ଏବଂ ନାମ ଅଭେଦ, ଏକ । ନାମଜପରେ ଇଷ୍ଟ ପ୍ରାପ୍ତି ସୁନିଶ୍ଚିତ । ବାହ୍ୟ ଜଗତରେ ମଧ ନାମରୂପ ଅଭେଦ, ଏକ । ଯେପରି କୌଣସି ବ୍ୟକ୍ତିକୁ ନ ଦେଖି, ନ ଚିହ୍ନି ତା'ରି ନାମରେ ଯଦି ୱାରେଣ୍ଟ କରାହୁଏ, ତେବେ ସେ ବ୍ୟକ୍ତି ଆସିବାକୁ

ବାଧ ହୁଏ । କୌଣସି ବ୍ୟକ୍ତିକୁ ନ ଚିହ୍ନି ତା' ନାଁ ଧରି ଡାକିଲେ ସେ ଅବଶ୍ୟ ଆସିଯାଏ । ମନ୍ତ୍ର ଅନୁଷ୍ଠାନରେ ବି ଯେଉଁ ଦେବତାଙ୍କ ନାମଜପ ହୁଏ ସେ ଦେବତା ସେଠାରେ ପ୍ରକଟ ହୁଅନ୍ତି ।

ଏହି ଯୋଗରେ ରୂପାନ୍ତର ସାଧିତ ହୁଏ ଅତିମାନସ ମାତୃଶକ୍ତି ଦ୍ୱାରା । ଅତିମାନସ ଶକ୍ତି ଏବଂ ମା ଏକ ତତ୍ତ୍ୱ । ଏହି ଦୃଷ୍ଟିରୁ ସାଧନାର ଆରମ୍ଭରୁ ମା'ଙ୍କ ଉପସ୍ଥିତି ଏକାନ୍ତ କାମ୍ୟ । ମା'ଙ୍କ ନାମଜପ କଲେ ମାତୃଶକ୍ତି ଅବତରଣ କରି ସାଧକ ମଧ୍ୟରେ ରୂପାନ୍ତର କ୍ରିୟା କରନ୍ତି । ରୂପାନ୍ତର କ୍ରିୟାହିଁ ମା'ଙ୍କ ଉପସ୍ଥିତି । ରୂପାନ୍ତର କ୍ରିୟା ହେଲେ ଅନ୍ତରାତ୍ମା ଅଧିକ ଜାଗ୍ରତ ହୁଅନ୍ତି ତଥା ସମର୍ପଣ ବି ଅଧିକ ହୁଏ ଏବଂ ଅଭୀପ୍ସା ମଧ୍ୟ ତୀବ୍ର ହୁଏ । ଏହି ଦୃଷ୍ଟିରୁ ମା'ଙ୍କ ନାମଜପ ବହୁତ ଆବଶ୍ୟକ ତଥା ସାଧନାରେ ବହୁତ ଉପଯୋଗୀ ।

'ମା'– ଏହି ନାମଜପ ଦ୍ୱାରା କଠିନ ରୂପାନ୍ତର ସାଧନା ସହଜ ହେବାରେ ଅନ୍ୟ କାରଣ ହେଲା – ଶାସ୍ତ୍ରରେ କୁହାହୋଇଛି, 'ମ' ଅକ୍ଷର ବା 'ମ'କାର ହେଉଛି ଚନ୍ଦ୍ରବୀଜ । ଚନ୍ଦ୍ରମା ଅମୃତ ଧାରଣ କରିଥା'ନ୍ତି । ସେ ଶୀତଳ, ଶାନ୍ତ, ଆନନ୍ଦସ୍ୱରୂପ । 'ମ' ଅକ୍ଷର ଉଚ୍ଚାରଣରେ ଶାନ୍ତି, ଆନନ୍ଦ ଏବଂ ଭକ୍ତି ସାଧକ ଆଧାରରେ ପ୍ରତିଷ୍ଠା ହୁଏ । ସାଧକର ଜୀବନରେ ବାଧାରୂପେ ଆସୁଥିବା ଅବସାଦ, ହିଂସା, ନିରାଶା, ଲୋଭ, ମୋହ, କାମକ୍ରୋଧାଦି ରିପୁ ସହଜରେ କ୍ରିୟାଶୀଳ ହୋଇପାରନ୍ତି ନାହିଁ । ସାଧକର ସାଧନାରେ ଉତ୍ସାହ, ପ୍ରସନ୍ନତା, ଆଗ୍ରହ ଉତ୍ପନ୍ନ ହୁଏ । ବାଧା ଅପେକ୍ଷାକୃତ କମ୍ ହୁଏ ଏବଂ ସାଧକର ଆଧାର ଶୁଦ୍ଧ ହେବାରୁ ଭାଗବତୀ ଶକ୍ତି ତା'ର ମନ-ପ୍ରାଣ-ଶରୀରରେ ଅବତରଣ କରି ରୂପାନ୍ତର କ୍ରିୟା ଆରମ୍ଭ କରନ୍ତି । 'ମ'ରେ ଯେଉଁ 'ଆ'କାର ('ା'), ଏହା ହେଉଛି ଅଗ୍ନିବୀଜ । ଆକାର ଅଗ୍ନିବୀଜ ହୋଇଥିବାରୁ 'ମା' ଏହି ନାମଜପରେ ସାଧକର ସଞ୍ଚିତ, କ୍ରିୟମାଣ, ପ୍ରାରବ୍ଧ ପ୍ରତିକୂଳ କର୍ମସବୁ ଭସ୍ମ ହୋଇଯାଏ । ପୃଥିବୀ ଆରମ୍ଭରୁ ସାଧକର ଜନ୍ମଜନ୍ମାନ୍ତରର ଦୁଷ୍କର୍ମ ଭସ୍ମ ହେବାରୁ ଅନ୍ତରାତ୍ମା ଜାଗ୍ରତ ହୁଅନ୍ତି ତଥା ସାଧକର ମନ-ପ୍ରାଣ ମଧ୍ୟରେ ଥିବା ଅଜ୍ଞାନ, ମୋହ, ମାୟାର ଆବରଣ ହଟିଯାଏ । ଅନ୍ତରାତ୍ମାର ପ୍ରଭାବ ବୁଦ୍ଧିରେ ପଡ଼ିଲେ ବୁଦ୍ଧି ଶୁଦ୍ଧ, ପବିତ୍ର ହୁଏ । ସାଧକକୁ ବିମୋହିତ କରି ସାଧନା ମାର୍ଗରୁ ଟାଣି ନେଉଥିବା ବିରୋଧୀ ଶକ୍ତିଙ୍କର ଛଦ୍ମବେଶକୁ ସେ ଚିହ୍ନି ପାରନ୍ତି ।

ଏହିପରି ସବୁ ସମୟରେ 'ମା'– ଏହି ନାମଜପ କରିବା ସତ୍ତ୍ୱେ କିଛି ସମୟ ନିୟମିତରୂପେ ଧ୍ୟାନ କରିବା ଉଚିତ । କିନ୍ତୁ ଧ୍ୟାନ ସମୟରେ ଯଦି ଚେତନା ହୃଦୟ ଗଭୀରକୁ ପ୍ରବେଶ କରେ ତଥା ଭାଗବତୀ ଶକ୍ତିଙ୍କ କ୍ରିୟା ଶରୀରରେ ହେବାକୁ ଆରମ୍ଭ କରେ; ସେ ସମୟରେ ଯଦି ଏକାଗ୍ରତା ସ୍ଥାନରେ କିଂବା ଭାଗବତୀ ଶକ୍ତିଙ୍କ କ୍ରିୟା ହେଉଥିବା ସ୍ଥାନରେ 'ମା'– ଏହି ନାମ ଆବୃତ୍ତି ହେଉଥିବାର କଳ୍ପନା କରିବା ଅଭ୍ୟାସ ହୋଇ ନ ଥାଏ ତେବେ କିଛି ସମୟ ସକାଶେ ନାମଜପ ସ୍ଥଗିତ ରଖି ପାରନ୍ତି । କିନ୍ତୁ ଏହି ଅଭ୍ୟାସ ହୋଇଗଲେ ନାମଜପ ସବୁ ସମୟରେ ହେବା ଆବଶ୍ୟକ । ଭାଗବତୀ ଶକ୍ତିଙ୍କ କ୍ରିୟା ସ୍ଥାନରେ 'ମା'– ଏହି ନାମ ଆବୃତ୍ତି ହେଲେ ଭାଗବତୀ ଶକ୍ତିଙ୍କ କ୍ରିୟା ତୀବ୍ର ହୁଏ ଏବଂ କୌଣସି ବିଚାର ଆସିପାରେ ନାହିଁ ।

## ଧ୍ୟାନ

ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗରେ ମସ୍ତକ-ଊର୍ଦ୍ଧ୍ୱରେ, ଆଜ୍ଞାଚକ୍ରରେ ତଥା ହୃତ୍‌କେନ୍ଦ୍ରରେ ଧ୍ୟାନ କରିବା ସକାଶେ ଭିନ୍ନ ଭିନ୍ନ ସ୍ଥାନରେ ଶ୍ରୀମା ଶ୍ରୀଅରବିନ୍ଦ ଲେଖି ଅଛନ୍ତି । କିନ୍ତୁ ମସ୍ତକ-ଊର୍ଦ୍ଧ୍ୱ ଏବଂ ହୃଦୟ କେନ୍ଦ୍ରରେ ଧ୍ୟାନକୁ ଅଧିକ ଉପଯୋଗୀ ବୋଲି କହିଅଛନ୍ତି । ମସ୍ତକ-ଊର୍ଦ୍ଧ୍ୱରେ ଧ୍ୟାନ କଲେ ଚେତନା ଊର୍ଦ୍ଧ୍ୱକୁ ଉନ୍ମୁକ୍ତ ହୁଏ ଏବଂ ଊର୍ଦ୍ଧ୍ୱକୁ ଆରୋହଣ କରେ । ଊର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ଜ୍ୟୋତି, ଜ୍ଞାନ, ଆନନ୍ଦ, ମାତୃଶକ୍ତି ସାଧକର ମନ-ପ୍ରାଣ-ଶରୀର ଆଧାରରେ ଅବତରଣ କରନ୍ତି ଏବଂ ଭାଗବତୀ ଶକ୍ତି ସାଧକ ଆଧାରରେ ରୂପାନ୍ତର କ୍ରିୟା ମଧ୍ୟ କରନ୍ତି ।

ହୃଦୟ-ଗଭୀରରେ ଧ୍ୟାନ କଲେ ଅନ୍ତରାତ୍ମା (ଚୈତ୍ୟସତ୍ତା) ଜାଗ୍ରତ ହୁଅନ୍ତି; ଏବଂ ଭାଗବତୀ ଶକ୍ତିଙ୍କ ଅବତରଣ ସକାଶେ ତଥା ମନ-ପ୍ରାଣ-ଶରୀର ସମସ୍ତ ସତ୍ତା ମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ ଅଭୀପ୍ସା କରନ୍ତି ।

ସାଧକକୁ ଲକ୍ଷ୍ୟର ସିଧା ମାର୍ଗରେ ପରିଚାଳିତ କରନ୍ତି । ଏହି କାରଣରୁ ହୃଦୟରେ ଧ୍ୟାନ କରିବା ଉଚିତ । ଧ୍ୟାନ ବିଷୟରେ ଶ୍ରୀମା 'ମାତୃବାଣୀ' ପୁସ୍ତକରେ କହିଛନ୍ତି –

''ହୃତ୍‌କେନ୍ଦ୍ରରେ ଏକାଗ୍ର ହୁଅ । ଭିତରକୁ ପ୍ରବେଶ କର – ଗଭୀରରୁ ଗଭୀରକୁ ଏବଂ ବହୁ ଦୂରକୁ, ଯେତେଦୂର ତୁମେ ଯାଇପାର ଯାଅ । ବାହାରେ ବିକ୍ଷିପ୍ତ ହୋଇଥିବା ତୁମ ନିଜ ଚେତନାର ସମସ୍ତ ଖିଅକୁ ଏକତ୍ର କର, ଦୃଢ଼ଭାବେ କେନ୍ଦ୍ରିତ କର ଏବଂ ହୃଦୟର ନିଭୃତରେ ବୁଡ଼ିଯାଅ, ଏକେବାରେ ତଳକୁ ।

''ହୃଦୟର ଗଭୀର ନୀରବତା ମଧ୍ୟରେ ଏକ ଅଗ୍ନିଶିଖା ଜଳୁଛି – ଏହାହିଁ ହେଲା ତୁମ ଅନ୍ତରର ଦେବତା– ତୁମର ଯଥାର୍ଥ ଚୈତ୍ୟପୁରୁଷ (ହୃତ୍‌ପୁରୁଷ) । ତାଙ୍କ ବାଣୀ ଶୁଣ ଏବଂ ତାଙ୍କ ଆଦେଶ ପାଳନ କର ।

''ଆହୁରି ମଧ୍ୟ ଏକାଗ୍ରତା ନିମିତ୍ତ ଅନ୍ୟାନ୍ୟ କେନ୍ଦ୍ର ଅଛି ଉଦାହରଣସ୍ୱରୂପ, ଗୋଟିଏ ମସ୍ତକ-ଊର୍ଦ୍ଧ୍ୱରେ ଏବଂ ଅନ୍ୟଟି ଭୃଯୁଗଳ ମଧ୍ୟରେ । ପ୍ରତ୍ୟେକଟିର ଉପଯୋଗିତା ଅଛି ଏବଂ ପ୍ରତ୍ୟେକେ ବିଶେଷ ଫଳ ଦିଅନ୍ତି । କିନ୍ତୁ କେନ୍ଦ୍ରସ୍ଥ ସତ୍ତା ରହିଛି ହୃଦୟରେ ଏବଂ ସେହିଠାରୁହିଁ ଜନ୍ମନିଏ ସକଳ କେନ୍ଦ୍ରୀୟ ଗତିବୃତ୍ତି, ରୂପାନ୍ତର ଓ ଉପଲବ୍ଧିର ସକଳ ଗତି ଓ ପ୍ରେରଣା ।''

ଉପରୋକ୍ତ ପ୍ରଣାଳୀରେ ଯେଉଁମାନେ ଧ୍ୟାନ କରିପାରନ୍ତି ନାହିଁ ସେମାନେ ଧ୍ୟାନର ଏକେବାରେ ଆରମ୍ଭିକ ଅବସ୍ଥାରେ ଶ୍ରୀମା'ଙ୍କ ଫଟୋ କିଂବା ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୁଗଳ ଫଟୋକୁ ଆଖି ଖୋଲି ଦେଖନ୍ତୁ । ପରେ ଆଖି ବନ୍ଦ କରି ଦେଖନ୍ତୁ । ଆଖି ବନ୍ଦ କରି ଦେଖି ପାରିଲେ ହୃଦୟରେ ସେହି ମୂର୍ତ୍ତିକୁ ରଖି ତା'ରି ଆଡ଼କୁ ମୁଖ କରି ନିଜେ ବସିଥିବାର କଳ୍ପନା କରନ୍ତୁ ଏବଂ ସେହି ଫଟୋରେ ଏକାଗ୍ର ହେବାକୁ ଚେଷ୍ଟା କରନ୍ତୁ ତଥା ଗଭୀରକୁ ଯିବାକୁ ମଧ୍ୟ ସଂକଳ୍ପ କରନ୍ତୁ । ଯଦି ନ ଯାଇ ହେଲା ତେବେ ସେହିଠାରେ ରହନ୍ତୁ । ଯଦି ବିଚାର-ସବୁ ଆସନ୍ତି ତେବେ ସେସବୁକୁ ଭିତରେ ପ୍ରବେଶ କରିବାକୁ ନ ଦେଇ ବାହାରେ ରଖନ୍ତୁ । ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ଏହିପରି କରନ୍ତୁ । ସହଜରେ ଯଦି ଏହିପରି ଏକାଗ୍ର ରହିପାରିଲେ ତେବେ ଅଧିକ ସମୟ ରହିବାକୁ ଚେଷ୍ଟା କରନ୍ତୁ । ଯଦି ବିଚାର ଆସେ ତେବେ ମା'ଙ୍କ ଫଟୋକୁ ଧ୍ୟାନ କରିବା ସଙ୍ଗେ ସଙ୍ଗେ 'ମା'– ଏହି ନାମ ଜିହ୍ୱାରେ ଶୀଘ୍ର ଶୀଘ୍ର ଜପ କରନ୍ତୁ । ଏହିପରି କଲେ କୌଣସି ବିଚାର ଆସିବ ନାହିଁ । ଏହିପରି ନିଷ୍ଠାର ସହିତ ଅଭ୍ୟାସ କଲେ ଏକାଗ୍ରତା ସ୍ୱାଭାବିକରୂପେ ଆସିବ । ସେତେବେଳେ ମା'ଙ୍କ ଫଟୋ ରହିବ ନାହିଁ; କେବେ ମସ୍ତକର ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ତଥା ଶାନ୍ତି, ଆନନ୍ଦ, ଜ୍ଞାନ ଅବତରଣ କରିବ ଏବଂ ଚେତନା ହୃଦୟ ଗଭୀରକୁ ଯିବାକୁ ଆରମ୍ଭ କରିବ । ଯେତେ ଗଭୀରକୁ ଯାଇ ପାରିବେ ସେତେ ଗଭୀରକୁ ଯାଆନ୍ତୁ । ଯେଉଁଠାରେ ଚେତନା ଅଟକିଯିବ ସେହିଠାରେ ରହିଯା'ନ୍ତୁ । ଯେତେ ସମୟ ପର୍ଯ୍ୟନ୍ତ ସେଠାରେ ରହି ପାରିବେ ରହନ୍ତୁ । ସେତେବେଳେ ଶାନ୍ତି ଆନନ୍ଦରେ ବୁଡ଼ିଯିବାକୁ ହୁଏ । ହୃଦୟ-ଗଭୀରରୁ ଚେତନା ବାହାରିଲେ ସେ ଯେଉଁ ଅଙ୍ଗକୁ, ଯେଉଁ ସ୍ଥାନକୁ ଯିବ, ଯେପରି ଗତି କରିବ ସେଥିରେ ଟିକିଏ ମାତ୍ର ବାଧା ନ ଦେଇ ସେ ଯେପରି କାର୍ଯ୍ୟ କରିବ ସେଥିରେ ନିଜର ସଂକଳ୍ପ ସହ ନିଜ ସମ୍ମତି ପୂର୍ଣ୍ଣରୂପେ ଦେଉଥିବେ । ତା' ଗତିରେ କୌଣସି ପ୍ରକାର ବାଧା ଦେବେ ନାହିଁ । ଏହାହିଁ ଭାଗବତୀ ଶକ୍ତିଙ୍କର ରୂପାନ୍ତର କ୍ରିୟା । ଏହି ଯୋଗରେ ଭାଗବତୀ ଶକ୍ତିଙ୍କର ଅବତରଣ ତଥା ରୂପାନ୍ତର କ୍ରିୟା କେବଳ ଧ୍ୟାନ ଦ୍ୱାରା ହୁଏ ନାହିଁ । ପ୍ରଥମରେ କୁହା ହୋଇଛି – ଏହି ଯୋଗର ଚାବି ବା ଭିତ୍ତି ସମର୍ପଣ ତଥା ଅଭୀପ୍‌ସା । 'ମା'– ଏହି ନାମଜପରେ ଅଭୀପ୍‌ସା ଏବଂ ସମର୍ପଣ ସହଜ ହୁଏ ତଥା ମନ-ପ୍ରାଣ-ଶରୀରରେ ଶୁଦ୍ଧତା ଆସେ । ତେବେ ଅନ୍ତରାତ୍ମାଙ୍କ ଜାଗରଣ ହୁଏ । ସେ ଜାଗ୍ରତ୍ ହେଲେ ଅଭୀପ୍‌ସା କରନ୍ତି । ତାଙ୍କରି ଅଭୀପ୍‌ସାରେ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ଅବତରଣ କରି ସାଧକଙ୍କ ସତ୍ତାରେ ରୂପାନ୍ତର କ୍ରିୟା ଆରମ୍ଭ କରନ୍ତି । ଭାଗବତୀ ଶକ୍ତିଙ୍କ ରୂପାନ୍ତର କ୍ରିୟା ପ୍ରଥମ ଅବସ୍ଥାରେ ଆସ୍ତେ ଆସ୍ତେ ହୁଏ । ସେ ସମୟରେ ବାହ୍ୟ ବିଚାର ସାଧକ ମନରେ ପ୍ରବେଶ କରି ଭାଗବତୀ ଶକ୍ତିଙ୍କ ରୂପାନ୍ତର କ୍ରିୟାକୁ ବ୍ୟାହତ କରେ । ସେ ସମୟରେ ସାଧକ ବିଚାର ସହିତ ଏକ ନ ହୋଇ ଭାଗବତୀ ଶକ୍ତିଙ୍କ କ୍ରିୟା ସଙ୍ଗେ ସେହି ସ୍ଥାନରେ ଜିହ୍ୱା ଓଠ ନ ହଲାଇ କେବଳ 'ମା'–ନାମ ମନେ ମନେ ଆବୃତ୍ତି କଲେ କୌଣସି ବିଚାର ଆସିବ ନାହିଁ ଏବଂ ଭାଗବତୀ ଶକ୍ତିଙ୍କ କ୍ରିୟା ତୀବ୍ର ହେବ ।

ମା କହିଛନ୍ତି, 'I have also come to realize that for this sadhana of the body, the mantra is essential.' 'ମୁଁ ମଧ୍ୟ ଉପଲବ୍ଧି କରିଛି ଯେ ଶରୀର ସାଧନା ସକାଶେ ଅର୍ଥାତ୍ ଶରୀର ରୂପାନ୍ତର ସକାଶେ ମନ୍ତ୍ରଜପ ଏକାନ୍ତ ଆବଶ୍ୟକ ।' ପୁନଶ୍ଚ କହିଛନ୍ତି, 'because only japa has a direct action on the body.' 'କାରଣ କେବଳ ଜପହିଁ ଶରୀରରେ ସିଧା କ୍ରିୟା କରିପାରେ ।'

*Question : But for us who want an integral realization, are all these mantras and this daily japa really a help, or do they also shut us in ?*

The Mother's Answer : It gives discipline. It's an almost subconscious discipline of the character more than of thought.

Especially at the beginning, Sri Aurobindo used to shatter to pieces all moral ideas (you know, as in the *Aphorisms,* for example). He shattered all those things, he shattered them, really shattered them to pieces. So there's a whole group of youngsters here who were brought up with this idea that 'we can do whatever we want, it does't matter in the least !'– that they need not bother about all those concepts of ordinary morality. I've had a hard time making them understand that this morality can be abandoned only for a higher one... So, one has to be careful not to give them the Power too soon.

It's an almost physical discipline. Moreover, I have seen that the japa has an organizing effect on the subconscient, on the inconscient, on matter, on the body's cells– it takes time, but by persistently repeating it, in the long run it has an effect. It is the same principle as doing daily exercises on the piano, for example. You keep mechanically repeating them, and in the end your hands are filled with consciousness – it fills the body with consciousness.

(Agenda, Vol. I, p. 420-21)

ପ୍ରଶ୍ନ : କିନ୍ତୁ ଆମେ ଯେଉଁମାନେ ଏକ ପୂର୍ଣ୍ଣାଙ୍ଗ ସିଦ୍ଧି ଚାହୁଁ ସେମାନଙ୍କ ପାଇଁ ଏହିସବୁ ମନ୍ତ୍ର ଓ ଏହି ଦୈନନ୍ଦିନ ଜପ କ'ଣ ବାସ୍ତବରେ ଏକ ସାହାଯ୍ୟ ନା ଏକ ସୀମାବଦ୍ଧତା ?

ଶ୍ରୀମା'ଙ୍କ ଉତ୍ତର : ଏହା ଆଣିଦିଏ ଏକ ଶୃଙ୍ଖଳା । ଚିନ୍ତା କ୍ଷେତ୍ରରେ ଯେତେ ନୁହେଁ, ବ୍ୟକ୍ତି ସ୍ୱଭାବରେ ଏହା ଆଣିଦିଏ ପୂରାପୂରି ଏକ ଅବଚେତନାଗତ ଶୃଙ୍ଖଳା ।

ବିଶେଷ କରି ଆରମ୍ଭରେ ଶ୍ରୀଅରବିନ୍ଦ ସବୁ ନୈତିକ ଆଦର୍ଶକୁ (ଉଦାହରଣସ୍ୱରୂପ, ତାଙ୍କର ସଂକ୍ଷିପ୍ତ ସାରଗର୍ଭକ ସୂତ୍ରଗୁଡ଼ିକ Aphorisms ରେ) ଭାଙ୍ଗି ଚୂରି ଦେଇଥିଲେ ବା ସେହିସବୁ ନୈତିକତାର କଥାକୁ ସେ ଭାଙ୍ଗି ଦେଇଥିଲେ, ବାସ୍ତବରେ ଭାଙ୍ଗି ଚୂରମାର କରି ଦେଇଥିଲେ । ତେଣୁ ଏଠାକାର ତରୁଣଗୋଷ୍ଠୀ, ଯେଉଁମାନେ ଏହି ଧାରଣା ମଧ୍ୟରେ ବଢ଼ି ଆସିଥିଲେ ଯେ 'ଆମେ ଯାହା ଇଚ୍ଛା ତାହା କରିପାରୁ, ସେଥିରେ କିଛି ଯାଏ ଆସେ ନାହିଁ !'– ସେମାନଙ୍କୁ ଆଉ

ସାଧାରଣ ନୈତିକତାର ଆଦର୍ଶ ସମ୍ବନ୍ଧେ ଭାବିବାକୁ ପଡ଼ିଲା ନାହିଁ । ମୋତେ ବହୁତ କଷ୍ଟ ସ୍ୱୀକାର କରି ସେମାନଙ୍କୁ ବୁଝାଇବାକୁ ପଡ଼ିଥିଲା ଯେ କେବଳ ଏକ ଉଚ୍ଚତର ଆଦର୍ଶରେ ଉତ୍ତୀର୍ଣ୍ଣ ହେଲେହିଁ ଏହି ନୈତିକତାକୁ ତ୍ୟାଗ କରାଯାଇ ପାରେ... । ତେଣୁ ସେମାନଙ୍କୁ ଏତେ ଶୀଘ୍ର ଏହି ଶକ୍ତି ପ୍ରଦାନ ନ କରିବା ଲାଗି ସତର୍କ ହେବାକୁ ହେବ ।

ଏହା ପୂରାପୂରି ଏକ ଭୌତିକ ଶୃଙ୍ଖଳା । ଅଧିକନ୍ତୁ ମୁଁ ଦେଖୁଛି ଯେ ଜପର ଅବଚେତନା ଉପରେ, ନିଶ୍ଚେତନା ଉପରେ, ଜଡ଼ ଉପରେ, ଶରୀରର କୋଷାଣୁଗୁଡ଼ିକ ଉପରେ ଏକ ସଙ୍ଗଠନକାରୀ ପ୍ରଭାବ ରହିଛି । ଏଥିପାଇଁ ସମୟ ଆବଶ୍ୟକ, କିନ୍ତୁ ନିରନ୍ତର ପୁନରାବୃତ୍ତି କଲେ ପରିଶେଷରେ ଏହାର ପ୍ରଭାବ ଉପଲବ୍ଧି କରିହେବ । ଉଦାହରଣସ୍ୱରୂପ, ପ୍ରତିଦିନ ପିଆନୋ ଅଭ୍ୟାସ କରିବା ଭଳି ଏହା ଏକା କଥା । ପିଆନୋ ଅଭ୍ୟାସ କରିବା ସମୟରେ ତୁମେ ଯାନ୍ତ୍ରିକ ଭାବରେ ପୁନରାବୃତ୍ତି କରିବାରେ ଲାଗିଥାଅ ଓ ପରିଶେଷରେ ତୁମ ହାତ ସେହି ଚେତନାରେ ଭରିଉଠେ – ଏହା ତୁମ ଶରୀରକୁ ଚେତନାରେ ଭରପୂର କରିଦିଏ ।

The Mother and Sri Aurobindo are my refuge.
ଶ୍ରୀମାତା ଶ୍ରୀଅରବିନ୍ଦଃ ଶରଣଂ ମମ ।

(White Roses, Jan. 1967)
(ଶ୍ରୀମା ଏହି ମନ୍ତ୍ର ଦେଇଛନ୍ତି)

''To the most stubborn goes the victory.

''When I started my japa one year ago, I had to struggle with every possible difficulty, every contradiction, prejudice and opposition that fills the air. And even when this poor body began walking back and forth for japa, it used to knock against things, it would start breathing all wrong, coughing; it was attacked from all sides until the day I caught the Enemy and said, 'Listen carefully. You can do whatever you want, but I'm going right to the end and nothing will stop me, even if I have to repeat this mantra ten crore times.' The result was really miraculous, like a cloud of bats flying up into the light all at once. From that moment on, things started going better.''

(Agenda, Vol. I. p.356)

''ସବୁଠୁ ଦୃଢ଼ମନା ବ୍ୟକ୍ତିହିଁ ବିଜୟଶ୍ରୀ ମଣ୍ଡିତ ହୁଏ ।

''ବର୍ଷକ ପୂର୍ବେ ଯେତେବେଳେ ମୁଁ ମୋର ଜପ ଆରମ୍ଭ କଲି, ମୋତେ ବାତାବରଣରେ ପୂରି ରହିଥିବା ସମସ୍ତ ସମ୍ଭାବ୍ୟ ଅସୁବିଧା, ବିରୋଧ, କୁସଂସ୍କାର ଓ ବାଧା ସହ ସଂଗ୍ରାମ କରିବାକୁ ପଡ଼ିଥିଲା । ଏପରିକି ଯେତେବେଳେ ବିଚରା ଏହି ଶରୀର ଜପ ନିମନ୍ତେ ଏପାଖ ସେପାଖ ଚାଲବୁଲ କରିବାକୁ ଆରମ୍ଭ କଲା, ତାକୁ ବିଭିନ୍ନ ବସ୍ତୁରାଜି ସହ ଧକ୍‌କା ଖାଇବାକୁ ହେଉଥିଲା – ଏହାର ଶ୍ୱାସକ୍ରିୟା ଗୋଳମାଳ ହୋଇ ଯାଉଥିଲା, କାଶ ଆରମ୍ଭ ହୋଇ ଯାଉଥିଲା । ମୁଁ ଶତ୍ରୁକୁ ଧରି ଏଇ କଥା କହିଲି – ''ସାବଧାନ ହୋଇ ଶୁଣ । ତୁ ଯାହା ଇଚ୍ଛା ତା' କରିପାରୁ, ମୁଁ କିନ୍ତୁ ସିଧା ଶେଷ ପର୍ଯ୍ୟନ୍ତ ଯାଉଛି, କିଛି ବି ମୋତେ ଅଟକାଇ ପାରିବ ନାହିଁ; ଏପରିକି ଯଦି ମୋତେ ଦଶକୋଟି ଥର ଏହି ମନ୍ତ୍ରକୁ ଜପ କରିବାକୁ ପଡ଼େ ବି''– ଏହା କହିବା ପର୍ଯ୍ୟନ୍ତ ଏହି ଶରୀର ସବୁ ଦିଗରୁ ଆକ୍ରମଣର ସମ୍ମୁଖୀନ ହେଉଥିଲା । ଏପରି

କରିବାର ପରିଣାମ ବାସ୍ତବରେ ଆଶ୍ଚର୍ଯ୍ୟଜନକ ଫଳ ଦେଲା, ଯେପରି ବାଦୁଡ଼ିମାନଙ୍କର ଏକ କଳାମେଘ ହଠାତ୍ ଆଲୋକ ମଧ୍ୟକୁ ଉଡ଼ି ଚାଲିଗଲା । ସେହି ମୁହୂର୍ତ୍ତରୁ ବସ୍ତୁ ସକଳ ଅପେକ୍ଷାକୃତ ଭଲ ହେବାକୁ ଆରମ୍ଭ କଲା ।

## ତାତ୍ପର୍ଯ୍ୟ

ଶ୍ରୀମା ରୂପାନ୍ତର ଯୋଗ ସାଧନାରେ ଜପକୁହିଁ ସର୍ବଶ୍ରେଷ୍ଠ ସ୍ଥାନ ଦେଇଅଛନ୍ତି । ସେ କହିଅଛନ୍ତି, ''ଶରୀର ରୂପାନ୍ତର ସକାଶେ ସମର୍ପଣ ଏବଂ ଅଭୀପ୍ସା ପର୍ଯ୍ୟାପ୍ତ ନୁହେଁ, ଜପ ଆବଶ୍ୟକ । ଜପ ସିଧାସଳଖ ଶରୀର ଉପରେ କ୍ରିୟା କରେ । ମୁଁ ଦଶ ବର୍ଷର ସାଧନା ଅଳ୍ପ କେତେ ମାସ ମଧ୍ୟରେ କରି ପାରିଛି ।''

ପୁନରାୟ ମା କହୁଛନ୍ତି, ''ବାସ୍ତବ ପକ୍ଷରେ ଯେଉଁମାନେ ମନ୍ତ୍ରଜପ କରନ୍ତି ଓ ଯେଉଁମାନେ କରନ୍ତି ନାହିଁ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ତୁମେ ତତ୍‌କ୍ଷଣାତ୍ ଦେଖିପାରିବ । ଯେଉଁମାନେ ମନ୍ତ୍ରଜପ କରନ୍ତି ନାହିଁ, ଏପରିକି ସେମାନଙ୍କର ଧ୍ୟାନ ଏବଂ ଏକାଗ୍ରତାରେ ଏକ କଠୋର ଅଭ୍ୟାସ ଥିଲେ ବି ସେମାନଙ୍କ ଚତୁଃପାର୍ଶ୍ୱରେ କିଛି କୁହୁଡ଼ିଆ ଓ ଅସ୍ପଷ୍ଟ ରହିଥାଏ । ଅନ୍ୟ ପକ୍ଷରେ ଯେଉଁମାନେ ଜପ ଅଭ୍ୟାସ କରନ୍ତି ଏହା ସେମାନଙ୍କୁ ଆଣି ଦେଇଥାଏ ଏକ ପ୍ରକାର ସୁନିର୍ଦ୍ଦିଷ୍ଟତା, ଘନୀଭୂତତା, ଯାହାକି ଏକ ବର୍ମାବୃତ ଅବସ୍ଥା ଭଳି । ସେମାନେ ଯେପରି ଶକ୍ତିର ପ୍ରଲେପାବୃତ ସଦୃଶ ହୋଇଯାଆନ୍ତି ।''

ପୁନରାୟ ମା କହୁଛନ୍ତି, ''ମୁଁ ଦେଖିଛି ଜପର ଅବଚେତନା ଉପରେ, ନିଶ୍ଚେତନା ଉପରେ, ଜଡ଼ ଉପରେ, ଶରୀରର କୋଷଗୁଡ଼ିକ ଉପରେ ଏକ ସଂଗଠନକାରୀ ପ୍ରଭାବ ରହିଅଛି । ଏ ସକାଶେ ସମୟ ଆବଶ୍ୟକ । ନିରନ୍ତର ପୁନରାବୃତ୍ତି କଲେ ପରିଶେଷରେ ଏହାର ପ୍ରଭାବ ଉପଲବ୍ଧି କରିହେବ । ଉଦାହରଣସ୍ୱରୂପ, ପ୍ରତିଦିନ ପିଆନୋ ଅଭ୍ୟାସ କରିବା ପରି ଏହା ଏକା କଥା । ପିଆନୋ ଅଭ୍ୟାସ କରିବା ସମୟରେ ତୁମେ ଯାନ୍ତ୍ରିକ ଭାବରେ ପୁନରାବୃତ୍ତି କର । କିନ୍ତୁ ପରିଶେଷରେ ତୁମ ହାତ ସେହି ଚେତନାରେ ଭରିଉଠେ – ଏହା ତୁମ ଶରୀରକୁ ଚେତନାରେ ଭରପୂର କରିଦିଏ ।''

ଏହିସବୁ ମା'ଙ୍କ ବାକ୍ୟରୁ ସ୍ପଷ୍ଟ ବୁଝାଯାଉଅଛି, ଶରୀର ରୂପାନ୍ତର ସକାଶେ ଜପକୁହିଁ ଶ୍ରୀମା ଶ୍ରେଷ୍ଠ ସ୍ଥାନ ଦେଇଅଛନ୍ତି । କାରଣ ନାମଜପରେହିଁ ସାଧକ ସହଜରେ ସତତ ସଚେତ ରହିପାରନ୍ତି । ଜପରେହିଁ କଠିନ ସମର୍ପଣ, ଅଭୀପ୍ସା ଅଳ୍ପ ପ୍ରୟାସରେ ହୁଏ; ଏକାଗ୍ରତା ସ୍ୱତଃସ୍ଫୂର୍ତ୍ତଭାବେ ଆସେ; କଠିନ, ଦୁରୂହ ଯାନ୍ତ୍ରିକ ବିଚାରରୁ ସାଧକ ଅଳ୍ପ ପ୍ରୟାସରେ ମୁକ୍ତ ହୋଇପାରନ୍ତି ତଥା ସମସ୍ତ ପ୍ରକାର ବାଧାବିପତ୍ତି, ଦୁଃଖକଷ୍ଟ, ମନସ୍ତାପ, ବିରୋଧୀ ଶକ୍ତିର ଆକ୍ରମଣରୁ ନାମ ପ୍ରଭାବରେ ସାଧକ ରକ୍ଷା ପାଇ ଲକ୍ଷ୍ୟପ୍ରାପ୍ତି ମାର୍ଗରେ ଉତ୍ସାହ, ଆଗ୍ରହ, ପ୍ରସନ୍ନତାରେ ଅଗ୍ରସର ହୋଇପାରନ୍ତି । ଅତଏବ ଆମେମାନେ ସତତ, ନିରନ୍ତର ନାମଜପ କରିବା ଏକାନ୍ତ ଆବଶ୍ୟକ ।